

ଏ ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ ନର ଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।
- ଜର୍ଜ ଇଲିଅଟ







ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ଭୁବନେଶ୍ୱର ଉପକଣ୍ଠ ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷାମନ୍ଦିରର ଛାତ୍ରୀଛାତ୍ର(ଉପର) ଏବଂ ପୁରୀ ଜିଲା ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ।

# ପ୍ଲାଷ୍ଟିକ ଫ୍ରି ଅଭିଯାନରେ ଜିଲା ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକ

ପୁରୀ ଅଫିସ, ୨୫।୮

ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଆରମ୍ଭ ହୋଇଥିବା ପ୍ଲାଷ୍ଟିକ ଫ୍ରି ଅଭିଯାନକୁ ସମର୍ଥନ ଜଣାଇଛନ୍ତି ପୁରୀ ଜିଲା ସ୍କୁଲର ଶିକ୍ଷୟିତ୍ରୀ ଓ ଶିକ୍ଷକ। ସେମାନେ ଏହି ଅଭିଯାନକୁ ସ୍ୱାଗତ କରିବା ସହ ଶନିବାର ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ଓଡ଼ିଶା ଲାଗି ସଂକଳ୍ପ ନେଇଥିଲେ।

ଜିଲା ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର କୁହନ୍ତି, ଦିନକୁ ଦିନ ପଲିଥିନ ଓ ପ୍ଲାଷ୍ଟିକର ବ୍ୟବହାର ପରିବେଶ ପ୍ରତି ବିପଦ ସାଜୁଛି। ସାରା ବିଶ୍ୱରେ ଏହା ଚିନ୍ତାର କାରଣ ପାଲଟିଛି। ଏନେଇ ପିଲାମାନଙ୍କୁ ସଚେତନ କରାଯାଉଛି। ପ୍ରାର୍ଥନା ହଲ୍, କ୍ଲାସ ରୁମରେ ପିଲାଙ୍କୁ ଏ ନେଇ ପରାମର୍ଶ ଦିଆଯାଉଛି।

ବରିଷ୍ଠ ଶିକ୍ଷୟିତ୍ରୀ ପ୍ରମୋଦା ମିଶ୍ର କୁହନ୍ତି, ସ୍କୁଲ ପରିସରକୁ କିପରି ପଲିଥିନ ଓ ପ୍ଲାଷ୍ଟିକ ମୁକ୍ତ କରାଯାଇପାରିବ ସେ ନେଇ ଆମ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ମଧ୍ୟରେ ଆଲୋଚନା କରାଯାଉଛି। ବିଦ୍ୟାଳୟରେ ପଲିଥିନ ବନ୍ଦ ଉପରେ ଗୁରୁତ୍ୱ ଦିଆଯାଉଛି। କ୍ଲାସ ରୁମରେ ଡଷ୍ଟବିନ୍ ରଖାଯାଇଛି। ବିଦ୍ୟାଳୟକୁ ପଲିଥିନ୍‌ରେ ଗରମ ଖାଦ୍ୟ ନ ଆଣିବା ଲାଗି ପିଲାଙ୍କୁ କୁହାଯାଉଛି। ଶିକ୍ଷକ ବିଶ୍ୱଜିତ ବାନାର୍ଜୀ କୁହନ୍ତି, ନିଜେ ସଚେତନ ହେଲେ ଏହି ସମସ୍ୟାର ସମାଧାନ ହୋଇପାରିବ। ପିଲାଙ୍କୁ ସଚେତନ କରାଯାଉଛି। ସେମାନେ ନିଜ ପରିବାରରେ ମଧ୍ୟ ଏ ସମ୍ପର୍କରେ ଅନ୍ୟମାନଙ୍କୁ କହିବେ। ଏହାଦ୍ୱାରା ଏକ ବଡ଼ ଧରଣର ପରିବର୍ତ୍ତନ ଆସିପାରିବ ବୋଲି ଆଶା କରୁଛୁ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଉମାଦେବୀ, ଯୋଗମାୟା ସେନ, ଜ୍ୟୋତ୍ସ୍ନାମୟୀ ଦେବୀ, ମମତା ପଟ୍ଟନାୟକ, ବିଜୟା ଶ୍ରୀଚନ୍ଦନ, ଶିକ୍ଷକ ମନୋଜ ପ୍ରଧାନ, ଗଙ୍ଗାଧର ଦାସ, ଗୋପାଳ ଚନ୍ଦ୍ର ପରିଡା, ଏମ.ଏସ. ଅନୱାର, ବିଜୟ ପ୍ରଧାନ, ଅଜୟ କୁମାର ଓଝା ଓ ଅରୁଣ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ସମାଲୋଚନା ସୃଷ୍ଟିକୁ ସମୃଦ୍ଧ କରେ

ଭୁବନେଶ୍ୱର, ୨୫।୮ (ବ୍ୟୁରୋ)

ଓଡ଼ିଆ ସମାଲୋଚନା ସାହିତ୍ୟର ଇତିହାସ ପୁରୁଣା ନୁହେଁ, ମାତ୍ର ଏହାର ଐତିହ୍ୟ ସମୃଦ୍ଧ। ମହର୍ଷି ବାଲ୍ମୀକି ହେଉଛନ୍ତି ଭାରତୀୟ ସମାଲୋଚନାର ଅଗ୍ରଦୂତ। ଓଡ଼ିଆ ସମାଲୋଚନା ସାହିତ୍ୟରେ ଅନେକ ଶୂନ୍ୟସ୍ଥାନ ରହିଛି। ସମାଲୋଚନା ଏକ ଆଧୁନିକ ଧାରଣା କିନ୍ତୁ ଏଥିରେ ବହୁ ପୂର୍ବରୁ ସୃଜନ ରହିଛି। ସମାଲୋଚନା ସୃଷ୍ଟିକୁ ସମୃଦ୍ଧ କରେ ଏବଂ ସୃଷ୍ଟିର ବିଶେଷତ୍ୱ ଚିହ୍ନାଇ ଭଲମନ୍ଦର ପ୍ରଭେଦ ଦର୍ଶାଏ ବୋଲି ଭାଷା ବିଜ୍ଞାନୀ ତଥା ସମାଲୋଚକ ପ୍ରଫେସର ଡ. ବସନ୍ତ କୁମାର ପଣ୍ଡା କହିଛନ୍ତି। ଶନିବାର କୃଷକ ସମାଜଠାରେ ସାହିତ୍ୟ ସମାଜ ପକ୍ଷରୁ 'ସମ୍ପ୍ରତି ଓଡ଼ିଶା ସମାଲୋଚନାର ସ୍ଥିତି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ପଣ୍ଡା କହିଲେ, ଭାରତୀୟ ସାହିତ୍ୟରେ ସୃଷ୍ଟିଶୀଳ ସମାଲୋଚକମାନଙ୍କର ବିଶେଷ ଆବଶ୍ୟକତା ରହିଛି। ବିଦେଶୀ ଓ ପ୍ରବାସୀମାନେ ଓଡ଼ିଆ ସାହିତ୍ୟର ସମାଲୋଚନା ଉପରେ ଯାହା ଲେଖିଛନ୍ତି ତାହା ମୂଲ୍ୟବାନ। ସେହିପରି ଓଡ଼ିଆ ସମାଲୋଚକମାନେ ବିଭିନ୍ନ ପର୍ଯ୍ୟାୟରେ ସାହିତ୍ୟ ସମାଲୋଚନାର ଦିଗନ୍ତକୁ ସ୍ପର୍ଶ କରିଛନ୍ତି ବୋଲି ସେ ମତ ଦେଇଥିଲେ। ଅନୁଷ୍ଠାନର ସଭାପତି କବି ସୂର୍ଯ୍ୟ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ପୂର୍ଣ୍ଣାନନ୍ଦ ମହାନ୍ତି ଏବଂ ସୌଦାମିନୀ ବେହେରାଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ କବି ପୂରବୀ ଶତପଥୀ କବିତା ପାଠ କରିଥିଲେ। ଏହାପରେ ବିଧୁ ତ୍ରିପାଠୀ, ସ୍ନିଗ୍ଧା ସ୍ୱାଇଁ, ବିଜୟଲକ୍ଷ୍ମୀ ସାହୁ, ସୂର୍ଯ୍ୟମଣି ତ୍ରିପାଠୀ, ରକ୍ଷକ ନାୟକ, ସୁଧୀର ମଉଡମଣି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନର ଉପସଭାପତି ମିନତୀ ଦାଶ ଧନ୍ୟବାଦ ଦେଇଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ବେଗ୍ ମିର୍ଜା ସୋହେଲ



@ ପ୍ରିୟଦର୍ଶିନୀ



@ ସାଗର



@ ସାଗର



@ ଅମରେଶ



@ ଅଶ୍ୱିନୀ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)





ଭୁବନେଶ୍ୱର ଆର୍‌ଆର୍‌ଏଲ୍ କଲୋନୀ ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଶନିବାର ବାହାରିଥିବା ମୋ ସ୍କୁଲ ଅଭିଯାନ ଶୋଭାଯାତ୍ରା।

# ଦାସ ଟ୍ୟୁଟୋରିଆଲ୍ ଛାତ୍ରୀଛାତ୍ରଙ୍କ ସଫଳତା

ଭୁବନେଶ୍ୱର,୨୫।୮

ବାଣିଜ୍ୟ ପାଠ୍ୟକ୍ରମରେ କୋଚିଂ ପ୍ରଦାନ କରୁଥିବା ପ୍ରମୁଖ ପ୍ରତିଷ୍ଠାନ ଦାସ ଟ୍ୟୁଟୋରିଆଲ୍ ଛାତ୍ରୀଛାତ୍ରଙ୍କ ଯୁକ୍ତ ୩ ପାସ୍ ହାର ଚଳିତ ବର୍ଷ ଉନ୍ନତ ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟର ବି.କମ୍ ୨୦୧୮ (ଆକାଉଣ୍ଟିଂ ସମ୍ମାନ) ପରୀକ୍ଷାରେ ଟପ୍ ୧୦ ମଧ୍ୟରେ ଦାସ ଟ୍ୟୁଟୋରିଆଲର ୩ ଛାତ୍ରୀଛାତ୍ର ସ୍ଥାନିତ ହୋଇଛନ୍ତି। ପ୍ରତିଷ୍ଠାନର ଛାତ୍ର ସିଦ୍ଧାର୍ଥ ପଣ୍ଡା ୮୦.୮% ମାର୍କ ରଖି ପ୍ରଥମ ର୍ୟାଙ୍କରେ ରହିଥିବା ବେଳେ ୮୦.୫% ମାର୍କ ରଖି ଭୂମିକା ପଟେଲ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ୭୭.୧% ମାର୍କ ସହ ଷଷ୍ଠ ସ୍ଥାନରେ ପୂଜା ସିହ୍ନା ରହିଥିବା ପ୍ରତିଷ୍ଠାନ ପକ୍ଷରୁ ସୂଚନା ରହିଛି। ଦାସ ଟ୍ୟୁଟୋରିଆଲ୍ ୧୯୯୫ରେ ସୁବାସ ଚନ୍ଦ୍ର ଦାସଙ୍କ ଦ୍ୱାରା ସ୍ଥାପନ ହୋଇଥିବା ବେଳେ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ କୋଚିଂ ପ୍ରଦାନ କ୍ଷେତ୍ରରେ କାର୍ଯ୍ୟ କରୁଛି। ଛାତ୍ରୀଛାତ୍ରଙ୍କୁ ଏକ ଉନ୍ନତ ଭବିଷ୍ୟତ ପ୍ରଦାନ ଦିଗରେ ବିଭିନ୍ନ ପଦକ୍ଷେପ ଧାରା ଜାରି ରହିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି।

# ସର୍ବ ସମ୍ମୁଖରେ ଝୁଲି ପଡ଼ିଲେ ଯୁବକ

## ଷ୍ଟେଶନରେ ଆତ୍ମହତ୍ୟା

ଭୁବନେଶ୍ୱର, ୨୫।୮(ବ୍ୟୁରୋ)

ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟା ହେବ। ଭୁବନେଶ୍ୱର ଷ୍ଟେଶନର ୩ନମ୍ବର ପ୍ଲାଟଫର୍ମରେ ଗହଳି ରହିଥାଏ। ଯାତ୍ରୀମାନେ ଯିଏ ଯାହାର ଗନ୍ତବ୍ୟସ୍ଥଳକୁ ଯିବା ଲାଗି ଯାତାୟାତ କରୁଥାନ୍ତି। ଏହି ସମୟରେ ଜଣେ ଯୁବକ ପ୍ଲାଟଫର୍ମର ଫୁଟ ଓଭରବ୍ରିଜ ଉପରେ ଏକ ଲୁହା ପୋଲ୍‌ରେ ଗାମୁଛା ବାନ୍ଧି ତଳକୁ ଆସିଥିଲେ। ପରେ ବେକରେ ଗାମୁଛା ବାନ୍ଧି ଝୁଲିପଡ଼ିଥିଲେ। କିଛି ସମୟ ମଧ୍ୟରେ ତାଙ୍କର ମୃତ୍ୟୁ ଘଟିଥିଲେ। କେତେଜଣ ଯାତ୍ରୀ ଏସବୁ ଦେଖୁଥିଲେ ହେଁ କେହି ଜଣେ ହେଲେ ତାଙ୍କୁ ରୋକିବାକୁ ଉଦ୍ୟମ କରି ନ ଥିଲେ। ଏପରି କି ଯୁବକ ଜଣକ କ'ଣ କରୁଛନ୍ତି ତାହା ମଧ୍ୟ ଅନେକେ ବୁଝିପାରି ନ ଥିଲେ। ଖବରପାଇ ରେଲୱେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଥିଲା। ମୃତକଙ୍କ ପରିଚୟ ମିଳିନାହିଁ। ସେ କ'ଣ ପାଇଁ ଆତ୍ମହତ୍ୟା କଲେ ସେ ନେଇ ପୋଲିସ ଖୋଳତାଡ଼ କରୁଛି। ଯୁବକ ଜଣକ ନାଲିରଙ୍ଗର ଗଞ୍ଜି ଏବଂ କଳାରଙ୍ଗର ସ୍କୋର୍ଟ୍ସ ପ୍ୟାଣ୍ଟ ପିନ୍ଧିଥିଲେ। ସେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ସନ୍ଦେହ କରାଯାଉଛି।

ସେହିଭଳି ଭୁବନେଶ୍ୱର ରେଳ ଷ୍ଟେଶନ ୱାଶିଂ ଲାଇନ ନିକଟ ଟ୍ରେନ ଲାଇନରେ ଶନିବାର ସକାଳେ ଜଣେ ଯୁବକ ମୁଣ୍ଡ ରଖି ଆତ୍ମହତ୍ୟା କରିଛନ୍ତି। ତାଙ୍କର ପରିଚୟ ମିଳି ନ ଥିବା ବେଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି।

# ସପ୍ତାହରେ ୫ ହତ୍ୟାକାଣ୍ଡ

## ୪ ଘଟଣାରେ ପୋଲିସ ହାତ ଖାଲି

ଭୁବନେଶ୍ୱର, ୨୫।୮(ବ୍ୟୁରୋ)

ନୂଆ ପୋଲିସ କମିଶନର ଭାବେ ସତ୍ୟଜିତ୍ ମହାନ୍ତି ଯୋଗଦେବା ପରେ ରାଜଧାନୀରେ ଅପରାଧ ବଢ଼ିବାରେ ଲାଗିଛି। ଗତ ୬ଦିନ ମଧ୍ୟରେ ୫ଟି ହତ୍ୟାକାଣ୍ଡ ଘଟିବା ପରେ ସହରବାସୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେଥିରୁ ୪ଟି ମାମଲାରେ କୌଣସି କୌଣସି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିପାରି ନାହିଁ।

ଗତ ସୋମବାର ରାତିରେ ନୟାପଲ୍ଲୀ ଥାନା ଆଇଆରସି ଭିଲେଜରେ ଥିବା ସରକାରୀ ହାଇସ୍କୁଲ ନିକଟ ଖେଳପଡ଼ିଆରେ ପୂର୍ଣ୍ଣଚନ୍ଦ୍ର ନାୟକ ନାମକ ଟ୍ୟୁଶନ ଶିକ୍ଷକଙ୍କୁ ହତ୍ୟା କରାଯାଇଥିଲା। ଘଟଣାକୁ ୫ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିଷୟରେ ପୋଲିସକୁ କିଛି ସୁରାକ୍ ମିଳିନାହିଁ। ସେହିଦିନ ଏୟାରଫିଲ୍ଡ ଥାନା ଭୀମଟାଙ୍ଗୀରେ ରହୁଥିବା ଶିଳ୍ପୀ ସେଠୀ ନାମ୍ନୀ ମହିଳାଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିଲେ। ଏହାପରେ ଗତ ଗୁରୁବାର ରାତିରେ ମଞ୍ଚେଶ୍ୱର ଥାନା ନିକଟ ହୋଟେଲ ହାଇୱେ ଇନ୍‌ରେ ଖୋର୍ଦ୍ଧା ଜିଲା କାଇମାଟିଆ ଅଞ୍ଚଳର ଲକ୍ଷ୍ମୀପ୍ରିୟା ବିଶ୍ୱାଳ ନାମ୍ନୀ ମହିଳାଙ୍କୁ ତାଙ୍କ ପୁରୁଷ ବନ୍ଧୁ ଆଦିତ୍ୟ ମହାପାତ୍ର ଲୁହାରଡରେ ପିଟି ହତ୍ୟା କରିଥିଲେ। ଘଟଣାର ୨ ଦିନ ପରେ ବି ପୋଲିସ ଅଭିଯୁକ୍ତଙ୍କୁ ଧରିପାରି ନାହିଁ। ଉକ୍ତଦିନ ରାତିରେ ଜମି ପାଇଁ ଏୟାରଫିଲ୍ଡ ଥାନା ପଳାଶପଲ୍ଲୀରେ ରହୁଥିବା ପଦ୍ମାଳୟା ସେଠୀ ନାମ୍ନୀ ମହିଳାଙ୍କୁ ବାପଘର ଲୋକେ ଟଣ୍ଟିଚିପି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ସେହିପରି ଶୁକ୍ରବାର ରାତିରେ ମାଷ୍ଟରକ୍ୟାଣ୍ଟିନସ୍ଥିତ ରେଳ ଷ୍ଟେଶନର ୧ନଂ. ପ୍ଲାଟଫର୍ମରେ ଡାକ୍ତର ରବୀନ୍ଦ୍ରନାଥ ରକ୍ତାକ୍ତ ମୃତଦେହ ଜବତ ହୋଇଛି। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ଭୀମଟାଙ୍ଗୀର ଶିଳ୍ପୀ ହତ୍ୟା ମାମଲାକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଘଟଣାରେ ପୋଲିସ ହାତ ଖାଲି ରହିଛି, ଯାହା କମିଶନରେଟ ପୋଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି।

# ପଲିଥିନ ବନ୍ଦ ପାଇଁ ସଚେତନ କଲେ ବରିଷ୍ଠ ନାଗରିକ



ଭୁବନେଶ୍ୱର, ୨୫।୮ (ବ୍ୟୁରୋ)

ଭୁବନେଶ୍ୱରର ବରିଷ୍ଠ ନାଗରିକମାନଙ୍କୁ ନେଇ ଗଠିତ 'ଶ୍ରୀକ୍ଷେତ୍ର ସାଙ୍ଗୀ' ତରଫରୁ ଶନିବାର ୟୁନିଟ-୨ସ୍ଥିତ ମାର୍କେଟ ବିଲ୍ଡିଂ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ଲାଷ୍ଟିକ୍ ଓ ପଲିଥିନ୍ ବ୍ୟବହାର ନ କରିବାକୁ ସଚେତନ କରାଯାଇଥିଲା। ବିଏମ୍‌ସି ମେୟର ଅନନ୍ତ ନାରାୟଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଗଠନର ପ୍ରୟାସକୁ ସ୍ୱାଗତ କରିଥିଲେ। ଏହି ଅବସରରେ ସଂଗଠନ ପକ୍ଷରୁ କପଡ଼ାରେ ତିଆରି ବ୍ୟାଗ ସାଧାରଣ ଲୋକଙ୍କୁ ବଣ୍ଟନ କରାଯାଇ ପ୍ଲାଷ୍ଟିକ ଏବଂ ପଲିଥିନ୍‌ର ଅପକାରିତା ସମ୍ପର୍କରେ ଅବଗତ କରାଯାଇଥିଲା। ଅନୁଷ୍ଠାନର ସଭାପତି ମହେନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦେବବ୍ରତ ରଥ, ସନ୍ତୋଷ ପଟ୍ଟନାୟକ, ଶ୍ୟାମା ପ୍ରସାଦ ମିଶ୍ର, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଅଜିତ୍ କୁମାର ମହାନ୍ତି, ଜୀମୂତ ମଙ୍ଗରାଜ ଏବଂ ୨ ନମ୍ବର ସେଣ୍ଟ୍ରାଲ ମାର୍କେଟ ବିଲ୍ଡିଙ୍ଗ ଆସୋସିଏଶନର ସାଧାରଣ ସମ୍ପାଦକ ଲିଟୁ ପରିଜା ପ୍ରମୁଖ ପରିଚାଳନା କରିଥିଲେ।

# 'ଅଭିକ୍ଷା'ର ପ୍ଲାଷ୍ଟିକ ବର୍ଜନ ଅଭିଯାନ

ବାଲିଅନ୍ତା,୨୫।୮(ଡି.ଏନ୍.ଏ )

ଜିଜିପି କଲୋନୀ ପାର୍କଠାରେ ସ୍ୱେଚ୍ଛାସେବୀ ସଂଗଠନ ଅଭିକ୍ଷା ଟ୍ରଷ୍ଟ ପକ୍ଷରୁ ଶନିବାର ପ୍ଲାଷ୍ଟିକ ବର୍ଜନ ଅଭିଯାନ ଆରମ୍ଭ ହୋଇଛି। ପରିବେଶ ସୁରକ୍ଷା ବାର୍ତ୍ତା ନେଇ ଟ୍ରଷ୍ଟର ୩୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ପାର୍କ ପରିସରରେ ଏକାଠି ହୋଇ ପ୍ଲାଷ୍ଟିକ ବର୍ଜନ ବିଷୟରେ ଲୋକଙ୍କୁ ବୁଝାଇଥିଲେ। ଏଥିରେ ମଳୟ ବିହାର ମହିଳା କ୍ଲବର ୧୦ ସଭ୍ୟା ସାମିଲ ହୋଇଥିଲେ। ପାର୍କକୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନ କରିବା ପାଇଁ ଟ୍ରଷ୍ଟର ସଭ୍ୟାମାନେ ଅବଗତ କରାଇଥିଲେ। ଏହାପରେ ଟ୍ରଷ୍ଟର ସଭ୍ୟାମାନେ ସଚେତନତା ଶୋଭାଯାତ୍ରାରେ ଜିଜିପି କଲୋନୀର ଦୋକାନୀଙ୍କୁ ସଚେତନ କରାଇଥିଲେ। ୧୯ନଂ. ୱାର୍ଡ କର୍ପୋରେଟର ଜ୍ୟୋତ୍ସ୍ନାରାଣୀ ରାଉତରାୟ ଓ ପୂର୍ବତନ କର୍ପୋରେଟର ପ୍ରତାପ ରାଉତରାୟ ଯୋଗଦେଇଥିଲେ। ଟ୍ରଷ୍ଟ ଅଧ୍ୟକ୍ଷା ମାନସୀ ଶତପଥୀଙ୍କ ନେତୃତ୍ୱରେ ପୁଷ୍ପଲତା ଘଡେଇ, ମୌସୁମୀ ମହାପାତ୍ର, ରଞ୍ଜିତା ସାମଲ, ସନ୍ଧ୍ୟା ମହାନ୍ତି, ଜ୍ୟୋର୍ତିମୟୀ ଜେନା, କବିତା ଜେନା ଓ ସଂଯୁକ୍ତା ସାମନ୍ତ ଉପସ୍ଥିତ ଥିଲେ।





ପ୍ଲାଷ୍ଟିକ୍ ବର୍ଜନ ଅଭିଯାନରେ ସାମିଲ୍ ହୋଇଥିବା 'ଅଭିକ୍ଷା'ର ସଦସ୍ୟମାନେ।

# ବିବେକାନନ୍ଦ ପଣ୍ଡାଙ୍କ ସ୍ମୃତିସଭା

**ଭୁବନେଶ୍ୱର, ୨୫।୮:** ବିଶିଷ୍ଟ ଯୁବ ସମାଜସେବୀ ସ୍ୱର୍ଗତ ବିବେକାନନ୍ଦ ପଣ୍ଡାଙ୍କ ଅଷ୍ଟାଦଶ ଶ୍ରାଦ୍ଧଦିବସ ଓ ସ୍ମୃତିସଭା ସ୍ଥାନୀୟ ରେଡ୍‌କ୍ରସ ଭବନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଶିଷ୍ଟ କବି ରମାକାନ୍ତ ରଥ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ପୋଲିସ ଡିଜି ଅମିୟ ଭୂଷଣ ତ୍ରିପାଠୀ, କବି ରାଜେନ୍ଦ୍ର କିଶୋର ପଣ୍ଡା ଓ ପୂର୍ବତନ ପ୍ରଶାସକ ଅର୍ଦ୍ଧେନ୍ଦୁ ଶେଖର ଷଡ଼ଙ୍ଗୀ ବିବେକାନନ୍ଦଙ୍କ ନିଃସ୍ୱାର୍ଥପର ଓ ପ୍ରଚାରବିହୀନ ସମାଜସେବା ଉପରେ ଆଲୋକପାତ କରି କହିଲେ, ବର୍ତ୍ତମାନ ସମୟରେ ବିବେକାନନ୍ଦଙ୍କ ଭଳି ସ୍ୱାର୍ଥହୀନ ଓ ପରୋପକାରୀ ଯୁବକଙ୍କ ଆବଶ୍ୟକତା ରହିଛି। ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପ୍ରଶାସକ ଏଲ୍. କିଣ୍ଡୋ, ପାଟନାରେ ଅବସ୍ଥାପିତ ଏଲ୍‌ଆଇସିର ରିଜିଓନାଲ ମ୍ୟାନେଜର ଶ୍ରୀପତି ହାଁସଦା ନିଜର ମତ ରଖିଥିଲେ। ସବୁ ବର୍ଷ ଭଳି ଏ ବର୍ଷ ମଧ୍ୟ ବୟୋଜ୍ୟେଷ୍ଠ ବ୍ୟକ୍ତି ଭାବରେ ପୂର୍ବତନ କେନ୍ଦ୍ର ସଚିବ ନିହାର ରଞ୍ଜନ ହୋତାଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମାତାପିତାଙ୍କ ସେବା ପାଇଁ ଉଦ୍ଦିଷ୍ଟ ପୁରସ୍କାର ଓ ସମ୍ମାନ ହାଇକୋର୍ଟର ଆଇନଜୀବୀ ଆଦିତ୍ୟ ନାରାୟଣ ଦାସ ଓ ଇଭିତା ଏନ୍ ଦାସଙ୍କୁ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ବିବେକାୟନ ଟ୍ରଷ୍ଟର ଆବାହକ ଲକ୍ଷ୍ମୀଧର ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ବିଜୟା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ ନର ଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।

- ଜର୍ଜ ଇଲିଅଟ



## ସଂକ୍ଷେପରେ

### ଯୁବକଙ୍କ କାନ କାମୁଡ଼ି ଛିଡ଼ାଇ ଦେଲେ

**ମାହାଙ୍ଗା/ଲଳିତଗିରି, ୨୫।୮ (ସ୍ୱ.ପ୍ର):** ମାହାଙ୍ଗା ଥାନା ଲଳିତଗିରି ପଞ୍ଚାୟତ ଗଙ୍ଗାଧର ଗ୍ରାମର ଜଣେ ଯୁବକଙ୍କ କାନକୁ ଶୁକ୍ରବାର ସନ୍ଧ୍ୟାରେ କାମୁଡ଼ି ଛିଡ଼ାଇ ଦେଇଛନ୍ତି ଅନ୍ୟଜଣେ ଯୁବକ। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ଶନିବାର ମାହାଙ୍ଗା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଗଙ୍ଗାଧର ଗ୍ରାମର ପବିତ୍ର ସାହୁ(୩୯) ହରିଭକ୍ତପୁର ବଜାରରେ ଛିଡା ହୋଇଥିଲେ। ଏହି ସମୟରେ ଚମ୍ପତିପୁର ଗ୍ରାମର ପ୍ରଦୀପ୍ତ ବେହେରା ପହଞ୍ଚି ପବିତ୍ରଙ୍କ ସାର୍ଟ ପକେଟରେ ଜୋର ଜବରଦସ୍ତ ହାତ ପୁରାଇ ଟଙ୍କା ଛଡାଇ ନେବାକୁ ଉଦ୍ୟମ କରିଥିଲେ। ଏହାକୁ ପବିତ୍ର ବିରୋଧ କରିବାରୁ ତାଙ୍କୁ ଏକ ବାଉଁଶ ଫାଳିଆରେ ଆକ୍ରମଣ କରିଥିଲେ। ପବିତ୍ର ତଳେ ପଡି ଚିତ୍କାର କରିବା ସମୟରେ ବିଭିନ୍ନ ଧମକଚମକ ଦେଇ ପ୍ରଦୀପ୍ତ ତାଙ୍କ କାନକୁ କାମୁଡି ଛିଡାଇ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ। ପରେ ପରିବାର ଲୋକ ପହଞ୍ଚି ପବିତ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ତାଙ୍କ ଛିଡି ଯାଇଥିବା କାନକୁ ପ୍ରତ୍ୟାରୋପଣ କରାଯାଇଛି। ଖବର ଲେଖା ହେବାବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

### ନିର୍ମାଣ ଶ୍ରମିକଙ୍କୁ ସାଇକେଲ, ସୁରକ୍ଷା ସାମଗ୍ରୀ ବଣ୍ଟନ



**ତିଗିରିଆ, ୨୫।୮ (ଡି.ଏନ.ଏ.):** ତିଗିରିଆ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ୩୩୫୭ ନିର୍ମାଣ ଶ୍ରମିକଙ୍କୁ ଶନିବାର ସାଇକେଲ ଓ ବିଭିନ୍ନ ସୁରକ୍ଷା ସାମଗ୍ରୀ ବଣ୍ଟନ କରାଯାଇଛି। ନୂଆପାଟଣା ହାଇସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏସବୁ ସାମଗ୍ରୀ ବଣ୍ଟନ କରିଛନ୍ତି। ଏ ବାବଦରେ ୧କୋଟି ୮୩ଲକ୍ଷ ୨୯ହଜାର ଟଙ୍କା ବିନିଯୋଗ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ହିନ୍ଦ ମଜଦୁର ସଭାର ରାଜ୍ୟ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ସାହୁ, ସମ୍ମାନିତ ଅତିଥି ଜିଲା ଶ୍ରମ ଅଧିକାରୀ ବନମାଳି ମହାପାତ୍ର, ବ୍ଲକ ଅଧକ୍ଷା ରୂପା ଦଳେଇ, ଉପାଧକ୍ଷ ଗୌରହରି ପରିଡ଼ା, କଟକ ଜିଲା ସାଧାରଣ ସମ୍ପାଦକ ଦିଲୀପ ସାହୁ, ବ୍ଲକର ଦୁଇ ଜିଲା ପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ଖଟୁଆ, ରଶ୍ମିତା ମହାଳିକ, ନୂଆପାଟଣା ସରପଞ୍ଚ ସବିତା କୁଣ୍ଡୁ, ଭୋଗଡ଼ା ସରପଞ୍ଚ ଶର୍ମିଳା ନାୟକ ଓ ନୂଆପାଟଣା ସମିତିସଭ୍ୟ ସଞ୍ଜୟ କର ପ୍ରମୁଖ ଉପସ୍ଥିତ ଥିଲେ। ଦିନକରେ ଏତେ ସହାୟତା ବଣ୍ଟନ ସମ୍ଭବ ହୋଇ ନ ଥିବାରୁ ଆସନ୍ତା ଦୁଇ ଦିନ ଧରି ଏଠାରେ ଶ୍ରମିକଙ୍କୁ ଉପରୋକ୍ତ ସାମଗ୍ରୀ ବଣ୍ଟନ କରାଯିବ। ଅନ୍ୟପକ୍ଷରେ ବିଧାୟକ ସ୍ୱାଇଁ ଶ୍ରେଷ୍ଠ ବିଧାୟକ ମାନ୍ୟତା ପାଇଥିବାରୁ ତାଙ୍କୁ ପଙ୍କାଳ ଛକଠାରେ ଲୋକେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ନୂଆପାଟଣା ବୁଣାକାର ସମିତି କର୍ମକର୍ତ୍ତା ଓ ବିଜୁ ଯୁବବାହିନୀ କର୍ମକର୍ତ୍ତାମାନେ ମଧ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

### ଇସ୍ତଫା ପ୍ରତ୍ୟାହାର ପାଇଁ ମନ୍ତ୍ରୀଙ୍କୁ ଛାତ୍ରୀଛାତ୍ରଙ୍କ ନିବେଦନ

**ନିଶ୍ଚିନ୍ତକୋଇଲି, ୨୫।୮ (ସ୍ୱ.ପ୍ର./ଡି.ଏନ.ଏ.):** କିଛି ଦିନ ତଳେ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ସୁଭଦ୍ରା ମହତାବ ମହାବିଦ୍ୟାଳୟର ଛାତ୍ରୀଛାତ୍ର ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନାଙ୍କ ବିରୋଧରେ ନାରାବାଜି କରିବା ସହ କଲେଜ ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଖବର ପାଇବା ପରେ ମନ୍ତ୍ରୀ କଲେଜ ପରିଚାଳନା କମିଟି ପଦରୁ ଇସ୍ତଫା ଦେଇଥିଲେ। ମନ୍ତ୍ରୀଙ୍କ ଇସ୍ତଫା ଖବର ଛାତ୍ରୀଛାତ୍ରଙ୍କ ପାଖରେ ପହଞ୍ଚିବା ପରେ କ୍ୟାମ୍ପସରେ ଏକ ପ୍ରକାର ନିରୁତ୍ସାହିତ ଭାବ ପ୍ରକାଶ ପାଇଥିଲା। ଫଳରେ ଶନିବାର ଛାତ୍ରୀଛାତ୍ର ପୁଣି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅଧକ୍ଷଙ୍କ ଜରିଆରେ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ମନ୍ତ୍ରୀ ଦେଇଥିବା ଇସ୍ତଫା ପତ୍ରକୁ ପ୍ରତ୍ୟାହାର କରିବା ସହ ମହାବିଦ୍ୟାଳୟର ଉନ୍ନୟନ କାର୍ଯ୍ୟକୁ ତ୍ୱରାନିତ କରିବାକୁ ଦର୍ଶାଯାଇଛି।





ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ଭୁବନେଶ୍ୱର ଉପକଣ୍ଠ ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷାମନ୍ଦିରର ଛାତ୍ରୀଛାତ୍ର(ଉପର) ଏବଂ ପୁରୀ ଜିଲା ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ।

# ପ୍ଲାଷ୍ଟିକ ଫ୍ରି ଅଭିଯାନରେ ଜିଲା ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକ

**ପୁରୀ ଅଫିସ, ୨୫।୮**

ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଆରମ୍ଭ ହୋଇଥିବା ପ୍ଲାଷ୍ଟିକ ଫ୍ରି ଅଭିଯାନକୁ ସମର୍ଥନ ଜଣାଇଛନ୍ତି ପୁରୀ ଜିଲା ସ୍କୁଲର ଶିକ୍ଷୟିତ୍ରୀ ଓ ଶିକ୍ଷକ। ସେମାନେ ଏହି ଅଭିଯାନକୁ ସ୍ୱାଗତ କରିବା ସହ ଶନିବାର ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ଓଡ଼ିଶା ଲାଗି ସଂକଳ୍ପ ନେଇଥିଲେ।

ଜିଲା ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର କୁହନ୍ତି, ଦିନକୁ ଦିନ ପଲିଥିନ ଓ ପ୍ଲାଷ୍ଟିକର ବ୍ୟବହାର ପରିବେଶ ପ୍ରତି ବିପଦ ସାଜୁଛି। ସାରା ବିଶ୍ୱରେ ଏହା ଚିନ୍ତାର କାରଣ ପାଲଟିଛି। ଏନେଇ ପିଲାମାନଙ୍କୁ ସଚେତନ କରାଯାଉଛି। ପ୍ରାର୍ଥନା ହଲ୍, କ୍ଲାସ ରୁମରେ ପିଲାଙ୍କୁ ଏ ନେଇ ପରାମର୍ଶ ଦିଆଯାଉଛି।

ବରିଷ୍ଠ ଶିକ୍ଷୟିତ୍ରୀ ପ୍ରମୋଦା ମିଶ୍ର କୁହନ୍ତି, ସ୍କୁଲ ପରିସରକୁ କିପରି ପଲିଥିନ ଓ ପ୍ଲାଷ୍ଟିକ ମୁକ୍ତ କରାଯାଇପାରିବ ସେ ନେଇ ଆମ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ମଧରେ ଆଲୋଚନା କରାଯାଉଛି। ବିଦ୍ୟାଳୟରେ ପଲିଥିନ ବନ୍ଦ ଉପରେ ଗୁରୁତ୍ୱ ଦିଆଯାଉଛି। କ୍ଲାସ ରୁମରେ ଡଷ୍ଟବିନ୍ ରଖାଯାଇଛି। ବିଦ୍ୟାଳୟକୁ ପଲିଥିନ୍‌ରେ ଗରମ ଖାଦ୍ୟ ନ ଆଣିବା ଲାଗି ପିଲାଙ୍କୁ କୁହାଯାଉଛି। ଶିକ୍ଷକ ବିଶ୍ୱଜିତ ବାନାର୍ଜୀ କୁହନ୍ତି, ନିଜେ ସଚେତନ ହେଲେ ଏହି ସମସ୍ୟାର ସମାଧାନ ହୋଇପାରିବ। ପିଲାଙ୍କୁ ସଚେତନ କରାଯାଉଛି। ସେମାନେ ନିଜ ପରିବାରରେ ମଧ ଏ ସମ୍ପର୍କରେ ଅନ୍ୟମାନଙ୍କୁ କହିବେ। ଏହାଦ୍ୱାରା ଏକ ବଡ଼ ଧରଣର ପରିବର୍ତ୍ତନ ଆସିପାରିବ ବୋଲି ଆଶା କରୁଛୁ। ଅନ୍ୟମାନଙ୍କ ମଧରେ ଶିକ୍ଷୟିତ୍ରୀ ଉମାଦେବୀ, ଯୋଗମାୟା ସେନ, ଜ୍ୟୋତ୍ସ୍ନାମୟୀ ଦେବୀ, ମମତା ପଟ୍ଟନାୟକ, ବିଜୟା ଶ୍ରୀଚନ୍ଦନ, ଶିକ୍ଷକ ମନୋଜ ପ୍ରଧାନ, ଗଙ୍ଗାଧର ଦାସ, ଗୋପାଳ ଚନ୍ଦ୍ର ପରିଡା, ଏମ.ଏସ. ଅନୱାର, ବିଜୟ ପ୍ରଧାନ, ଅଜୟ କୁମାର ଓଝା ଓ ଅରୁଣ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

■ ମୋହନ ସୁବୁଦ୍ଧି ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି

# ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ

**ବଡ଼ମ୍ବା ୨୫।୮ (ଡି.ଏନ.ଏ.)**

ବଡ଼ମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟରେ ଶନିବାର ଛାତ୍ର ଅଶାନ୍ତି ଦେଖାଦେଇଛି। ମହାବିଦ୍ୟାଳୟ ପ୍ରତିଷ୍ଠାକୁ ୫୫ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ମଧ ଏ ପର୍ଯ୍ୟନ୍ତ ନାନା ସମସ୍ୟା ଲାଗି ରହିଛି। ଏହାକୁ ନେଇ ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଉଥିଲେ ମଧ କୌଣସି ସମାଧାନ ହେଉ ନ ଥିବାରୁ ଛାତ୍ରୀଛାତ୍ରଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତେବେ ଚଳିତ ବର୍ଷ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ରି ଆଡ୍‌ମିଶନ ଫି' ବୃଦ୍ଧି କରିଥିବାରୁ ଏହାକୁ ଛାତ୍ରୀଛାତ୍ର ତୀବ୍ର ବିରୋଧ କରିଛନ୍ତି। ତେଣୁ ତୁରନ୍ତ ଫି' ବୃଦ୍ଧି ପ୍ରତ୍ୟାହାର କରିବା ସହ ମୋଟ୍ ୧୬ ଦଫା ଦାବିନେଇ ମହାବିଦ୍ୟାଳୟ ଛାତ୍ର ସଂସଦ ସଭାପତି ଶୁଭେନ୍ଦୁ କୁମାର ପ୍ରଧାନଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯାଇଛି। ଏଥିରେ ଛାତ୍ରନେତା ନିତ୍ୟାନନ୍ଦ ନାୟକ, ଶ୍ରୀଚନ୍ଦନ କର, ପ୍ରୀତମ ସାହୁ, ସାର୍ଥକ ଜେନା ଓ ସିଦ୍ଧେଶ୍ୱର ମଲିକଙ୍କ ସମେତ ସମସ୍ତ ଯୁକ୍ତ ୩ର ଛାତୀଛାତ୍ର ସାମିଲ ହୋଇଥିଲେ। ଛାତ୍ରୀଛାତ୍ର ମହାବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ପରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ମହାବିଦ୍ୟାଳୟ ଅଧକ୍ଷ ଓ ପରିଚାଳନା ପରିଷଦ କମିଟି ସଭାପତିଙ୍କ ବିରୋଧରେ ନାରାବାଜି କରିଥିଲେ। ଖବର ପାଇ ବଡ଼ମ୍ବା ଥାନା ଆଇଆଇସି ସସ୍ମିତା ରଣା ଓ ମହାବିଦ୍ୟାଳୟ ଅଧକ୍ଷ କିଶୋର ଚନ୍ଦ୍ର ସାହୁ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ। ହେଲେ ସେମାନେ କୌଣସି କଥା ନ ଶୁଣି ନିଜ ଜିଦ୍‌ରେ ଅଟଳ ରହିଥିଲେ। ଖବର ପାଇ ଅପରାହ୍ନରେ ଆଠଗଡ଼ ଏସ୍‌ଡିପିଓ ପ୍ରକାଶଚନ୍ଦ୍ର ପାଲ ପହଞ୍ଚି ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟ ଅଧକ୍ଷଙ୍କ ସହ ଆଲେଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ତେବେ ସେମାନେ ଅଧକ୍ଷ ପ୍ରତିଶ୍ରୁତି ନ ଦେଲେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଜିଦ୍ ଧରିଥିଲେ। ଶେଷରେ ୭ଦିନ ମଧରେ ଏହା ଉପରେ ଆଲୋଚନା କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା। ଏହାପରେ ଛାତ୍ରୀଛାତ୍ର ଆନ୍ଦୋଳନରୁ ଓହରି ଯାଇଥିଲେ। ଦାବି ପୂରଣ ନ ହେଲେ ଛାତ୍ରୀଛାତ୍ର ଆଗାମୀ ଦିନରେ ପୁଣି ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହାକୁ ନେଇ ମହାବିଦ୍ୟାଳୟ ରାଜନୀତି ସରଗରମ ହୋଇଛି।



ମହାବିଦ୍ୟାଳୟ ମୁଖ୍ୟ ଫାଟକ ଆଗରେ ଛାତ୍ରୀଛାତ୍ର ଆନ୍ଦୋଳନ କରୁଛନ୍ତି।

■ ଯୁକ୍ତ ୩ ରି ଆଡ୍‌ମିଶନ ଫି' ବୃଦ୍ଧିକୁ ତୀବ୍ର ବିରୋଧ

■ ମହାବିଦ୍ୟାଳୟ ରାଜନୀତି ସରଗରମ

■ ୧୬ ଦଫା ଦାବି ପୂରଣ ନ ହେଲେ ପୁଣି ହେବ ଆନ୍ଦୋଳନ

■ ଚୋରାକାଠ ଜବତ

# ସନ୍ଦେହରେ ବନ ବିଭାଗ କାର୍ଯ୍ୟକଳାପ

**ମାହାଙ୍ଗା/ଲଳିତଗିରି, ୨୫।୮ (ସ୍ୱ.ପ୍ର.)**

କଟକ ବନାଞ୍ଚଳ ବୈରୀ ବନଖଣ୍ଡ ଅଧୀନ ମାହାଙ୍ଗା ବ୍ଲକ ପଶୁଲୁଣ୍ଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଡ଼ିରୁ ଶନିବାର ଚୋରାକାଠ ଜବତ କରିଛି ବନ ବିଭାଗ। ଏହି କାଠକୁ କେହି ଶୁକ୍ରବାର ରାତିରେ ଏଠାରେ ରଖିଥିବା ଜଣାପଡ଼ିଛି। ଅପରାହ୍ନରେ ଏହି କାଠ ନେବା ପାଇଁ କେତେକ ଲୋକ ଆସିଥିବାବେଳେ ସ୍ଥାନୀୟ ଲୋକେ ପଚାରାଉଚରୁ ସେମାନେ ଚାଲି ଯାଇଥିଲେ। ପରେ ଗ୍ରାମବାସୀ ବନବିଭାଗକୁ ଜଣାଇବାରୁ ସେମାନେ ଆସି କାଠ ଜବତ କରିଥିଲେ। ସେହିପରି ଗୌଡ଼ପଡା ନିକଟରେ ଶୁକ୍ରବାର ଏକ କାଠ ବ୍ୟବସାୟୀଙ୍କ ଘର ସମ୍ମୁଖରେ ବେଆଇନ କାଠ ପଡିଥିବା ବନ ବିଭାଗ କର୍ମଚାରୀ ଜାଣି ବ୍ୟବସାୟୀଙ୍କୁ କାଗଜ ପତ୍ର ମାଗିଥିଲେ। ତେବେ କାଠର କୌଣସି କାଗଜ ପତ୍ର ନ ଥିବାରୁ ପରେ ଦେଖାଇବି ବୋଲି ବନ ବିଭାଗ କର୍ମଚାରୀଙ୍କୁ ବ୍ୟବସାୟୀ ଜଣଙ୍କ କହିଥିଲେ। ହେଲେ ଶନିବାର ସୁଦ୍ଧା ବ୍ୟବସାୟୀ ଜଣଙ୍କ ପ୍ରମାଣ ପତ୍ର ଦେଖାଇ ନ ଥିଲେ ମଧ କାଠକୁ ଜବତ କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପଶୁଲୁଣ୍ଡା ନିକଟରେ ଥିବା ଚୋରାକାଠ ନିକଟରେ ଫରେଷ୍ଟ ଗାର୍ଡ ଜାକିର ଖାନ ପହଞ୍ଚି ୧୪ଟି ଲଗ, ୩୦ ସିଫ୍ଟ ଆକାଶୀ କାଠ ଓ ୫ କୁଇଣ୍ଟାଲ ଜାଳେଣୀ କାଠ ଜବତ କରି ଟାଙ୍ଗୀ ସଫା ବନ ବିଭାଗ କାର୍ଯ୍ୟାଳୟକୁ ପଠାଇଥିଲେ। ଖବର ଲେଖା ହେବା ବେଳକୁ ଚୋରା କାଠ ଜବତ ନେଇ କୌଣସି ମାମଲା ରୁଜୁ ହୋଇ ନ ଥିଲା। ବୈରୀ ବନାଞ୍ଚଳ ଅଧିକାରୀ ରଞ୍ଜନ ମିଶ୍ର କହିଛନ୍ତି, କାଗଜପତ୍ର କାର୍ଯ୍ୟ ଚାଲିଛି। ତଥ୍ୟ ଦେବାରେ କିଛି ସମୟ ବିଳମ୍ବ ହୋଇପାରେ। ଯେଉଁ ବ୍ୟବସାୟୀଙ୍କ ଘରେ ବେଆଇନ କାଠ ରଖାଯାଇଛି ତାକୁ ଜବତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ବୋଲି ପ୍ରକାଶ କରିଥିଲେ। ବନ ବିଭାଗର ଏଭଳି କାର୍ଯ୍ୟ କଳାପକୁ ନେଇ ସାଧାରଣରେ ସନ୍ଦେହ ଘନିଭୂତ ହୋଇଛି। ତେଣୁ ଜିଲା ବନବିଭାଗ ଅଧିକାରୀ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଚୋରାକାଠ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।



■ ବ୍ୟବସାୟୀଙ୍କ ଘର ଆଗରେ ପଡ଼ିରହୁଛି ଚୋରାକାଠ

■ ପଦକ୍ଷେପ ନେଉନାହାନ୍ତି ବନ ବିଭାଗ କର୍ତ୍ତୃପକ୍ଷ

### ଥାଲେରିଆ ରୋଗରେ ୩ ଗାଈ ମୃତ

**ମାହାଙ୍ଗା, ୨୫।୮ (ସ୍ୱ.ପ୍ର.)**

ମାହାଙ୍ଗା ପ୍ରାଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଜହଲ ଗ୍ରାମରେ ଦୁଇ ଦିନ ହେବ ଗୋରୁଙ୍କୁ ଥାଲେରିଆ ଓ ଫାଟୁଆ ରୋଗ ବ୍ୟାପିବାରେ ଲାଗିଛି। ଫଳରେ ଏହାର ପ୍ରଭାବରେ ଦୁଇ ଦିନରେ ଗ୍ରାମର ଦୁଇ ବ୍ୟକ୍ତିଙ୍କ ୩ଟି ଗାଈଙ୍କ ମୃତ୍ୟୁ ଘଟିଛି। ଗ୍ରାମର ରାଜ କିଶୋର କୁଅଁରଙ୍କ ଶନିବାର ସକାଳେ ଏକ ଗାଈର ମୃତ୍ୟୁ ହୋଇଥିବାବେଳେ ସନ୍ଧ୍ୟାରେ ଆଉ ଏକ ଗାଇର ମୃତ୍ୟୁ ହୋଇଛି। ସେହିପରି ଶୁକ୍ରବାର ଗ୍ରାମର ପ୍ରମୋଦ କୁଅଁରଙ୍କ ଏକ ଗାଈର ମୃତ୍ୟୁ ହୋଇଛି। ଏହି ରୋଗ ବ୍ୟାପିବା ଫଳରେ ଗୋପାଳମାନେ ଚିନ୍ତାରେ ପଡି ଯାଇଛନ୍ତି। ତୁରନ୍ତ ଏକ ଡାକ୍ତରୀ ଦଳ ପଠାଇବା ପାଇଁ ସେମାନେ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରାଣୀଧନ ଚିକିତ୍ସା ଅଧିକାରୀ ମୃଣ୍ମୟ ପଣ୍ଡା କହିଛନ୍ତି, ଏହି ରୋଗର ନିରାକରଣ ନିମନ୍ତେ ଟିକାକରଣ ବ୍ୟବସ୍ଥା ଅଛି। ଗୋରୁଙ୍କୁ ଟିକାକରଣ କରାଗଲେ ଏହି ରୋଗକୁ ନିୟନ୍ତ୍ରଣ କରାଯାଇ ପାରିବ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ metroselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।








@ ବେଗ୍ ମିର୍ଜା ସୋହେଲ



@ ପ୍ରିୟଦର୍ଶିନୀ



@ ସାଗର



@ ସାଗର



@ ଅମରେଶ



@ ଅଶ୍ୱିନୀ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | metroselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

# ମୋ ସ୍କୁଲ ଅଭିଯାନ ବୈଠକ

**ବାଙ୍କୀ, ୨୫।୮ (ସ୍ୱ.ପ୍ର.)**

ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରେ ମୋ ସ୍କୁଲ୍ ଅଭିଯାନ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାପୀଠ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତ୍ରିଲୋଚନ ଜେନା ଅଧକ୍ଷତା କରିଥିବାବେଳେ ମଣ୍ଡଳ ଶିକ୍ଷାଧିକାରୀ ଅଶୋକ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ମୋ ସ୍କୁଲ୍ ଅଭିଯାନକୁ ସଫଳ କରିବା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥି ଶିକ୍ଷକ ଗୋପୀ ମୋହନ କର, ସାମ୍ବାଦିକ ସଂଘ ସଭାପତି ବଳଭଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ ଓ ପୁରାତନ ଛାତ୍ରମାନଙ୍କୁ ସହଯୋଗ କରିବାକୁ ପରାମର୍ଶ ଥିଲେ। ପରିଚାଳନା ମଣ୍ଡଳୀ ସଭାପତି ଲକ୍ଷ୍ମୀପ୍ରିୟା ବେହେରା, ପୂର୍ବତନ ସଭାପତି ସଜନୀରାଣୀ ବେହେରା, ପ୍ରସନ୍ନ ବେହେରା, ସଭ୍ୟ ବାବୁଲି ରଣା, ପଣ୍ଡିତ ନଗେନ୍ଦ୍ର ମହାପାତ୍ର, ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଦୟାନିଧି ମହାପାତ୍ର, ଶିକ୍ଷୟିତ୍ରୀ ବିଣାପାଣୀ ଦାଶ, ଜ୍ୟୋତିର୍ମୟୀ ପଣ୍ଡା, ନିବେଦିତା ଜେନା, ମିନୁଶ୍ରୀ ମଲ୍ଲିକ, ମଞ୍ଜୁଲତା ସୁବୁଦ୍ଧି, ସନ୍ଧ୍ୟାରାଣୀ ପାଢୀ ଓ ପୁନମ କୁମାରୀ ଗୁପ୍ତା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ୍ୟ ନର ଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।

- ଜର୍ଜ ଇଲିଅଟ



## ସଂକ୍ଷେପରେ

### ବାଜପେୟୀଙ୍କ ଦଶାହ ପାଳିଲେ ଭାଜପା କର୍ମୀ

**କଟକ ଅଫିସ, ୨୫।୮:** ବିଡାନାସୀ ପୋଲିସ ଉପସ୍ଥିତିରେ ଶନିବାର କଟକର ଚହଟା ଘାଟଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଦଶାହ କର୍ମ ପାଳନ କରିଛି କଟକ ନଗର ଭାଜପା। ନିକଟରେ ପୁରୀ ଜିଲା ଚନ୍ଦନପୁରଠାରେ ବାଜପେୟୀଙ୍କ ଅସ୍ଥିକଳସ ଶୋଭାଯାତ୍ରା ଗାଡି ଉପରକୁ ହୋଇଥିବା ଅଣ୍ଡାମାଡ ଘଟଣାକୁ ଦୃଷ୍ଟିରେ ଚହଟା ଘାଟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପୋଲିସ ଉପସ୍ଥିତ ଥିଲା। ଚହଟା ଘାଟଠାରେ ଶତାଧିକ ଭାଜପା କର୍ମୀ ଏକତ୍ରିତ ହୋଇ ବାଜପେୟୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ମୁଣ୍ଡନ କାର୍ଯ୍ୟକ୍ରମ କରିଥିଲେ। ଏହି ଅବସରରେ ବାଜପେୟୀଙ୍କ ସ୍ମୃତିଚାରଣ କରାଯାଇଥିଲା। ଓଡିଶାର ଉନ୍ନତି ପାଇଁ ବାଜପେୟୀ ସଦାସର୍ବଦା ଚେଷ୍ଟିତ ଥିଲେ ବୋଲି ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ସମୀର ଦେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ଉପସଭାପତି ନୟନ ମହାନ୍ତି, ସାଧାରଣ ସମ୍ପାଦକ ଦିଲୀପ ମଲ୍ଲିକ, କଟକ ନଗର ଭାଜପା ଜିଲା ସଭାପତି ଲକ୍ଷ୍ମୀଧର ପ୍ରଧାନ, କଟକ ସଦର ଭାଜପା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁ, ଅଭିନେତା ଶ୍ରୀତମ ଦାସ, ଚିତ୍ତରଞ୍ଜନ ଦାସ, ପୂର୍ବତନ ମେୟର ନିବେଦିତା ପ୍ରଧାନଙ୍କ ସମେତ ଯୁବ ଓ ମହିଳା ମୋର୍ଚ୍ଚାର ଶତାଧିକ କର୍ମୀମାନେ ଉପସ୍ଥିତ ଥିଲେ।

### ଇପ୍‌ଟାର ପ୍ଲାଟିନମ୍ ଜୁବିଲି ସମାରୋହ

**କଟକ ଅଫିସ, ୨୫।୮:** ଦେଶର ସ୍ୱାଧୀନତା ସଂଗ୍ରାମ ମଧ୍ୟରୁ ଭାରତୀୟ ଗଣନାଟ୍ୟ ସଂଘ(ଇପଟା) ଜନ୍ମ ନେଇଛି। ଜନ୍ମ ଲଗ୍ନରୁ ଏହି ସଂଗଠନ ଦେଶରେ ସାମାଜିକ, ସାଂସ୍କୃତିକ ଓ ସମାଜବାଦୀ ଆନ୍ଦୋଳନରେ ସମ୍ପୃକ୍ତ ରହିଛି। ବହୁ ପ୍ରତିଷ୍ଠିତ କଳାକାର ଏହି ସଂଗଠନରେ ସାମିଲ ହୋଇଥିଲେ। ଓଡ଼ିଶାରେ ଇପଟାର ଅନ୍ୟତମ ସ୍ରଷ୍ଟା ସୁଜନ ଘୋଷଙ୍କ ଅବଦାନ ଅତୁଳନୀୟ ବୋଲି ଶନିବାର ଟାଉନହଲ ଠାରେ ଇପଟାର ପ୍ଲାଟିନମ ଜୁବିଲି ସମାରାହରେ ଯୋଗଦେଇ ସଙ୍ଗୀତ ବିଷାରଦ ଅରୂପ ଲାଲ ଘୋଷ କହିଛନ୍ତି। ଏଥିରେ ନାଟ୍ୟଗୁରୁ ଆଶିଷ ଦାସ, ଏନ. ନାରାୟଣ ରେଡ୍ଡି ଓ ଇପଟାର ସାଧାରଣ ସମ୍ପାଦକ ରମେଶ ପାଢୀ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଅପରାହ୍ନ ଆୟୋଜିତ ସାମାଜିକ ସୁରକ୍ଷାରେ ଇପ୍‌ଟାର ଭୂମିକା ସମ୍ପର୍କିତ ଆଲୋଚନାଚକ୍ରରେ ପ୍ରଫେସର ବିଜୟ କୁମାର ଶତପଥି, ଗ୍ରନ୍ଥକାର ବଂଶୀଧର ଦାସ ଓ ନାଟ୍ୟକାର ଦେବାନନ୍ଦ ନାୟକ ଯୋଗଦେଇଥିଲେ। ଏଥିରେ ବିଜୟ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ସାନ୍ଧ୍ୟ ଅଧିବେଶରେ ଯୋଗଦେଇଥିଲେ ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା, ପ୍ରଫେସର ଆଦରମଣି ବରାଳ ଓ ଅଭିନେତ୍ରୀ ଝରଣା ଦାସ। ଏହି ଅବସରରେ ଆଦରମଣି ଓ ଅରୁପଲାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ନିର୍ବାଚନ କରାଯାଇ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ଏଥିରେ ସଭାପତିଭାବେ ପଦ୍ମଶ୍ରୀ ପ୍ରଫୁଲ୍ଲ କର, କାର୍ଯ୍ୟକାରୀ ସଭାପତି ନାରାୟଣ ରେଡ୍ଡୀ, ଉପସଭାପତି ଇନ୍ଦ୍ରଜିତ ଘୋଷ ଓ ସାଧାରଣ ସମ୍ପାଦକ ଭାବେ ସୁଶାନ୍ତ ମହାପାତ୍ରଙ୍କ ନାମ ଘୋଷଣା କରାଯାଇଛି।

### ଯୁବକଙ୍କ ମୃତ୍ୟୁ ଘଟଣା: ଡିଜିପିଙ୍କ ନିକଟରେ ଅଭିଯୋଗ

**କଟକ ଅଫିସ, ୨୫।୮:** ଚୌଦ୍ୱାର ଥାନା ଅନ୍ତର୍ଗତ କପାଳେଶ୍ୱର ଅଞ୍ଚଳରୁ ଗତ ୧୦ ତାରିଖରେ ଅଶୋକ ନାୟକ ନାମକ ବ୍ୟକ୍ତିଙ୍କ ମୃତଦେହ ଜବତ କରିଥିଲା ସ୍ଥାନୀୟ ପୋଲିସ। ଉକ୍ତ ଅଞ୍ଚଳର ଜନୈକ ବ୍ୟକ୍ତି ଅଶୋକଙ୍କୁ ହତ୍ୟା କରି ପକାଇ ଦେଇଥିବା ତାଙ୍କ ପରିବାର ଲୋକେ ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପରେ ପୋଲିସ ଉକ୍ତ ବ୍ୟକ୍ତିଙ୍କୁ ଆଣି ଥାନାରେ ଅଟକ ରଖିଥିଲା। ୩ ଦିନ ଥାନାରେ ରଖିବା ପରେ ପୋଲିସ ଉକ୍ତ ବ୍ୟକ୍ତିଙ୍କୁ ଛାଡି ଦେଲା ବୋଲି ଶନିବାର ଡିଜିପିଙ୍କ ନିକଟରେ ଅଭିଯୋଗ କରିଛନ୍ତି ଅଶୋକଙ୍କ ଭାଇ ସଞ୍ଜୟ ନାୟକ। ଶନିବାର ସକାଳେ ପୋଲିସ ମୁଖ୍ୟ କାର୍ଯ୍ୟାଳରେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କୁ ସଞ୍ଜୟଙ୍କ ସହ ସ୍ଥାନୀୟ କଲୋନୀ ବାସିନ୍ଦା ଭେଟି ଏ ସମ୍ପର୍କରେ ଜଣାଇଛନ୍ତି। ଅଭିଯୁକ୍ତଙ୍କଠାରୁ ଟଙ୍କା ନେଇ ପୋଲିସ ତାଙ୍କୁ ଛାଡି ଦେଇଛି ବୋଲି ସଞ୍ଜୟ କହିଛନ୍ତି। ଏ ନେଇ ଚୌଦ୍ୱାର ଥାନା ଅଧିକାରୀ ଜତିନ୍ଦ୍ରନାଥ ସେଠୀ କୁହନ୍ତି, ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଉକ୍ତ ଦିନ ଅଶୋକ ଅତ୍ୟଧିକ ନିଶା ସେବନ କରି ଘରକୁ ଫେରୁଥିବାବେଳେ ବାଟରେ ପଡିଯିବା ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏଥିରେ କୌଣସି ବ୍ୟକ୍ତିଙ୍କର ସମ୍ପୃକ୍ତି ନାହିଁ।





ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ଭୁବନେଶ୍ୱର ଉପକଣ୍ଠ ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷାମନ୍ଦିରର ଛାତ୍ରୀଛାତ୍ର(ଉପର) ଏବଂ ପୁରୀ ଜିଲା ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ।

# ପ୍ଲାଷ୍ଟିକ ଫ୍ରି ଅଭିଯାନରେ ଜିଲା ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକ

**ପୁରୀ ଅଫିସ, ୨୫।୮**

ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଆରମ୍ଭ ହୋଇଥିବା ପ୍ଲାଷ୍ଟିକ ଫ୍ରି ଅଭିଯାନକୁ ସମର୍ଥନ ଜଣାଇଛନ୍ତି ପୁରୀ ଜିଲା ସ୍କୁଲର ଶିକ୍ଷୟିତ୍ରୀ ଓ ଶିକ୍ଷକ। ସେମାନେ ଏହି ଅଭିଯାନକୁ ସ୍ୱାଗତ କରିବା ସହ ଶନିବାର ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ଓଡ଼ିଶା ଲାଗି ସଂକଳ୍ପ ନେଇଥିଲେ।

ଜିଲା ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର କୁହନ୍ତି, ଦିନକୁ ଦିନ ପଲିଥିନ ଓ ପ୍ଲାଷ୍ଟିକର ବ୍ୟବହାର ପରିବେଶ ପ୍ରତି ବିପଦ ସାଜୁଛି। ସାରା ବିଶ୍ୱରେ ଏହା ଚିନ୍ତାର କାରଣ ପାଲଟିଛି। ଏନେଇ ପିଲାମାନଙ୍କୁ ସଚେତନ କରାଯାଉଛି। ପ୍ରାର୍ଥନା ହଲ୍, କ୍ଲାସ ରୁମରେ ପିଲାଙ୍କୁ ଏ ନେଇ ପରାମର୍ଶ ଦିଆଯାଉଛି।

ବରିଷ୍ଠ ଶିକ୍ଷୟିତ୍ରୀ ପ୍ରମୋଦା ମିଶ୍ର କୁହନ୍ତି, ସ୍କୁଲ ପରିସରକୁ କିପରି ପଲିଥିନ ଓ ପ୍ଲାଷ୍ଟିକ ମୁକ୍ତ କରାଯାଇପାରିବ ସେ ନେଇ ଆମ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ମଧ୍ୟରେ ଆଲୋଚନା କରାଯାଉଛି। ବିଦ୍ୟାଳୟରେ ପଲିଥିନ ବନ୍ଦ ଉପରେ ଗୁରୁତ୍ୱ ଦିଆଯାଉଛି। କ୍ଲାସ ରୁମରେ ଡଷ୍ଟବିନ୍ ରଖାଯାଇଛି। ବିଦ୍ୟାଳୟକୁ ପଲିଥିନ୍‌ରେ ଗରମ ଖାଦ୍ୟ ନ ଆଣିବା ଲାଗି ପିଲାଙ୍କୁ କୁହାଯାଉଛି। ଶିକ୍ଷକ ବିଶ୍ୱଜିତ ବାନାର୍ଜୀ କୁହନ୍ତି, ନିଜେ ସଚେତନ ହେଲେ ଏହି ସମସ୍ୟାର ସମାଧାନ ହୋଇପାରିବ। ପିଲାଙ୍କୁ ସଚେତନ କରାଯାଉଛି। ସେମାନେ ନିଜ ପରିବାରରେ ମଧ୍ୟ ଏ ସମ୍ପର୍କରେ ଅନ୍ୟମାନଙ୍କୁ କହିବେ। ଏହାଦ୍ୱାରା ଏକ ବଡ଼ ଧରଣର ପରିବର୍ତ୍ତନ ଆସିପାରିବ ବୋଲି ଆଶା କରୁଛୁ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଉମାଦେବୀ, ଯୋଗମାୟା ସେନ, ଜ୍ୟୋତ୍ସ୍ନାମୟୀ ଦେବୀ, ମମତା ପଟ୍ଟନାୟକ, ବିଜୟା ଶ୍ରୀଚନ୍ଦନ, ଶିକ୍ଷକ ମନୋଜ ପ୍ରଧାନ, ଗଙ୍ଗାଧର ଦାସ, ଗୋପାଳ ଚନ୍ଦ୍ର ପରିଡା, ଏମ.ଏସ. ଅନୱାର, ବିଜୟ ପ୍ରଧାନ, ଅଜୟ କୁମାର ଓଝା ଓ ଅରୁଣ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

**କଟକରେ ହେବ ମେଟ୍ରୋ ସିଟି ଢାଞ୍ଚାରେ ସଫେଇ**

# ରାତି ୩ଟାରୁ ଉଠିବ ଅଳିଆ

**କଟକ ଅଫିସ,୨୫।୮**

କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳରେ ବଦଳିବ ସଫେଇ ଢ଼ାଞ୍ଚା। ରାତି ୩ଟାରୁ ଉଠିବ ଅଳିଆ। ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ପରୀକ୍ଷାମୂଳକ ଭାବେ କେତେକ ୱାର୍ଡରେ ଏଭଳି ବ୍ୟବସ୍ଥା ଆରମ୍ଭ କରିବାକୁ ଯୋଜନା କରୁଛି ସିଏମସି। ବର୍ତ୍ତମାନ ସିଏମ୍‌ସିର ୫୯ଟି ୱାର୍ଡ ମଧ୍ୟରୁ ୩୨ଟିରେ ଆଉଟ୍‌ସୋର୍ସିଂ ଏଜେନ୍ସିଦ୍ୱାରା ଅଳିଆ ଉଠା କାର୍ଯ୍ୟ କରାଯାଉଛି। ତଥାପି ସ୍ଥାନୀୟ କର୍ପୋରେଟର ଏବଂ ଅଞ୍ଚଳବାସୀଙ୍କ ଅଭିଯୋଗ ସକାଳ ୮ଟା ପର୍ଯ୍ୟନ୍ତ ମଧ୍ୟ ଅଳିଆ ପଡ଼ି ରହୁଛି। ମେଟ୍ରୋ ସିଟିଗୁଡିକରେ ରାତି ୩ଟାରୁ ଅଳିଆ ଉଠାଯାଉଥିବାରୁ ରାତି ପାହିଲାବେଳକୁ ରାସ୍ତାଘାଟ ସମ୍ପୂର୍ଣ୍ଣ ପରିଷ୍କାର ହୋଇଯାଇଥାଏ। କଟକରେ ଯଦି ଏହିଭଳି ଢଙ୍ଗରେ ସିଏମ୍‌ସି ଅଳିଆ ସଫେଇ କାର୍ଯ୍ୟ କରେ ତେବେ ସକାଳୁ ସହରବାସୀ ଏକ ଆବର୍ଜନାମୁକ୍ତ ପରିବେଶ ଦେଖିବାକୁ ପାଇବେ। ସିଏମ୍‌ସି କମିଶନର ବିକାଶ ମହାପାତ୍ର କୁହନ୍ତି, ପୁରୁଣା ପ୍ରକ୍ରିୟାରେ ସଫେଇ ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯିବ। ମେଟ୍ରୋ ସିଟି ଢ଼ାଞ୍ଚାରେ ସଫେଇ କରିବାକୁ ଆଉଟ୍‌ସୋର୍ସିଂ ଏଜେନ୍ସିଗୁଡିକୁ କୁହାଯିବା ସହ ଏହି ନିୟମ ବିଷୟରେ କାଉନ୍‌ସିଲ ବୈଠକରେ ଆଲୋଚନା କରାଯିବ। ଏଥିରେ ସଫଳତା ମିଳିଲେ ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ଉକ୍ତ ଢ଼ାଞ୍ଚାରେ କରାଯିବ ଓ ସିଏମ୍‌ସି ସଫେଇ କର୍ମଚାରୀମାନଙ୍କୁ ମଧ୍ୟ ଏହି ସମୟ ମଧ୍ୟରେ ସହର ସଫେଇ କରିବାକୁ ନିର୍ଦ୍ଦେଶ ଦିଆଯିବ। କର୍ପୋରେଟର ଗିରିବାଳା ବେହେରାଙ୍କ କହିବା କଥା ହେଲା, ସହରରେ ଜନସଂଖ୍ୟା ବଢିବାରେ ଲାଗିଛି। ସହରକୁ ସଫା ରଖିବା ପାଇଁ ଏଭଳି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ହେଲେ ସତ କଥା ହେଉଛି ସିଏମ୍‌ସି ପାଖରେ ଆବଶ୍ୟକ ସଫେଇ କର୍ମଚାରୀ ନ ଥିବାରୁ ଆଉଟ୍‌ସୋର୍ସିଂ ଏଜେନ୍ସିକୁ ଏହି ଦାୟିତ୍ୱ ଦିଆଯାଇଛି। ତେଣୁ ଏହି ଏଜେନ୍ସି ଦ୍ୱାରା ପ୍ରଥମେ ଏହି ପ୍ରକ୍ରିୟାରେ ଅଳିଆ ଉଠାଯିବା ଆରମ୍ଭ ହେଉ।

**■ ମୋ ସ୍କୁଲ କାର୍ଯ୍ୟକ୍ରମ ସମ୍ପର୍କିତ ବୈଠକ**

# ମନ୍ତ୍ରୀଙ୍କୁ ଦିଆଗଲା ୧୦ ଲକ୍ଷ ୧୦ ହଜାର ଟଙ୍କାର ଚେକ୍

**କଟକ ଅଫିସ, ୨୫।୮**

କଟକ ସର୍କିଟ୍ ହାଉସ୍‌ଠାରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ସମ୍ପର୍କିତ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ପରିଷଦର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯକ୍ରମରେ ଅତିଥି ଭାବେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ପଟ୍ଟନାୟକ ଓ ପୂର୍ବତନ ପ୍ରଧାନଶିକ୍ଷକ ଶ୍ରୀଚରଣ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଯୋବ୍ରା ସରକାରୀ ପୌର ମଧ୍ୟୋଚ ବିଦ୍ୟାଳୟ ପୁରାତନ ଛାତ୍ର ପରିଷଦ ପକ୍ଷରୁ ଶନିବାର ମୋ ସ୍କୁଲ ଅଭିଯାନ




କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କୁ ଚେକ୍ ପ୍ରଦାନ କରାଯାଉଛି।

କାର୍ଯକ୍ରମ ପାଇଁ ମନ୍ତ୍ରୀ ବେହେରାଙ୍କୁ ୧୦ ଲକ୍ଷ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ନିୟମ ଅନୁଯାୟୀ, ପୁରାତନ ଛାତ୍ର ପରିଷଦ ଦେଇଥିବା ଅର୍ଥର ଦୁଇଗୁଣ ଅର୍ଥାତ ୨୦ ଲକ୍ଷ ୨୦ ହଜାର ଟଙ୍କା ବିଦ୍ୟାଳୟର ଉନ୍ନୟନମୂଳକ କାମ ପାଇଁ ରାଜ୍ୟ ସରକାର ପ୍ରଦାନ କରିବେ। ଏହି ଅର୍ଥରେ ବିଦ୍ୟାଳୟର ସମ୍ମିଳନୀ କକ୍ଷ ଓ ପାଠାଗାର ନିର୍ମାଣ ପାଇଁ ଯୋଜନା କରାଯାଇଛି। ସ୍କୁଲର ବିକାଶ ପାଇଁ ସରକାର ଆଉ ୧୦ଲକ୍ଷ ୧୦ ହଜାର ଟଙ୍କା ପ୍ରଦାନ କରିବାକୁ ଏହି ଅବସରରେ ଯୋଗଦେଇ ଅର୍ଥମନ୍ତ୍ରୀ ବେହେରା କହିଛନ୍ତି। ଏହି ବିଦ୍ୟାଳୟର କଟକରେ ସ୍ୱତନ୍ତ୍ର ପରିଚୟ ରହିଛି। ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରମାନେ ଶିକ୍ଷାନୁଷ୍ଠାନରେ ସାମିଲ ହୋଇ ବିଦ୍ୟାଳୟର ଉନ୍ନୟନମୂଳକ କାମ କରିବା ପାଇଁ ସହଯୋଗର ହାତ ବଢାଇବା ଉଚିତ ବୋଲି ମନ୍ତ୍ରୀ ବେହେରା ମତବ୍ୟକ୍ତ କରିଥିଲେ। ମୋ ସ୍କୁଲ କାର୍ଯକ୍ରମ ମାଧ୍ୟମରେ ପୁରାତନ ଛାତ୍ରଛାତ୍ରୀମାନେ ନିଜ ସ୍କୁଲର ଉନ୍ନତିରେ ସାମିଲ ହୋଇପାରିବେ ବୋଲି ଜିଲାପାଳ ଅଗ୍ରୱାଲ କହିଥିଲେ। ଏହି ସଭାରେ ପୁରାତନ ଛାତ୍ର ପରିଷଦର ସଭାପତି ସୁଶାନ୍ତ ମହାନ୍ତି, ଉପସଭାନେତ୍ରୀ ସଂଯୁକ୍ତା ପାତ୍ର, ରାଜେଶ ପ୍ରଧାନ, ନିବେଦିତା ଷଡ଼ଙ୍ଗୀ, ଉଷାରାଣୀ ବେହେରା, ଅମ୍ବିକା ସାମଲ, ରେଣୁକା ମହାନ୍ତି, ଚଣ୍ଡିପ୍ରସାଦ ମହାନ୍ତି ଓ ଅବିନାଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**■ କଣ୍ଟାବୁଦାରୁ ମୃତଦେହ ଉଦ୍ଧାର ଘଟଣା**

# ମଦ ବ୍ୟବସାୟ ବନ୍ଦ, ବ୍ୟବସାୟୀଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

**ଖୁଣ୍ଟୁଣୀ, ୨୫।୮(ଡି.ଏନ୍.ଏ.)**

ଗୁରୁଡିଝାଟିଆ ଥାନା ଅଧୀନ ଓରନ୍ଦା ଗ୍ରାମର ବେନୁ ପଲେଇଙ୍କ ମୃତଦେହ ଶୁକ୍ରବାର ସ୍ଥାନୀୟ ଏକ କଣ୍ଟାବୁଦାରୁ ଉଦ୍ଧାର କରାଯାଇଥିଲା। ଅତ୍ୟଧିକ ମଦ୍ୟପାନ କରିଥିବାରୁ କଣ୍ଟାବୁଦାରେ ପଡି ମୃତ୍ୟୁ ଘଟିଥିବା ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ ଡାକ୍ତରଖାନାକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ.୨/୧୮) ରୁଜୁ କରିଥିଲା। ଏହି ଘଟଣାକୁ କେନ୍ଦ୍ରକରି ଶବର ସାହିର କାମିନୀ ଦେହୁରିଙ୍କ ନେତୃତ୍ୱରେ ମୃତକଙ୍କ ପରିବାର ଲୋକେ ଓ ୪୦ରୁ ଊର୍ଦ୍ଧ୍ୱ ମହିଳା ଶନିବାର ପୂର୍ବାହ୍ନ ପ୍ରାୟ ୧୨ଟାରେ ମୃତଦେହ ରଖି ଓରନ୍ଦା ଛକଠାରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଓରନ୍ଦା ପଞ୍ଚାୟତରୁ ସମ୍ପୂର୍ଣ୍ଣ ମଦ ବିକ୍ରି ବନ୍ଦ କରିବା ଓ ମଦ ବ୍ୟବସାୟୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ମହିଳାମାନେ ଦାବି କରିଥିଲେ। ରାସ୍ତା ଅବରୋଧ ଯୋଗୁ ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଖବରପାଇ ଗୁରୁଡିଝାଟିଆ ଥାନାଧିକାରୀ ବିଜୟ କୁମାର ବିସି ଘଟଣାସ୍ଥଳରେ ପହଞ୍ଚି ଉକ୍ତ ମହିଳାମାନଙ୍କୁ ବୁଝାଶୁଝା କରିବା ପରେ ଅପରାହ୍ନ ପ୍ରାୟ ୧ଟାରେ ରାସ୍ତାରୋକୋ ହଟିଥିଲା। ବିଷାକ୍ତ ମଦ ପିଇବା ଯୋଗୁ ତାଙ୍କର ମୃତ୍ୟୁ ଘଟି ନ ଥିବା ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରେ ଦର୍ଶାଯାଇଛି। ଏଥିସହ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବା ନିମନ୍ତେ ଉପ ଜିଲାପାଳଙ୍କ ସହ କଥା ହୋଇଥିବା ଥାନାଧିକାରୀ ବିସି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏବେ ଗୁରୁଡିଝାଟିଆ ଡାକ୍ତରଖାନା ଛକ, ଶୁଣ୍ଢିସାହି, ବାଳୀ ପ୍ରାଥମିକ ବିଦ୍ୟାଳୟ ପାର୍ଶ୍ୱ, ଓରନ୍ଦା ଓ କପୁରସିଂ ଆଦି ଗ୍ରାମରେ ବ୍ୟାପକ ଚୋରା ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ହେଲେ ଅବକାରୀ ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ଦେଉ ନ ଥିବା ମହିଳାମାନେ କ୍ଷୋଭର ସହ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ଏ ଦିଗରେ ତୁରନ୍ତ ଜନସଚେତନତା ସୃଷ୍ଟି ପାଇଁ ସେମାନେ ଦାବି କରିଛନ୍ତି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର



@ ବେଗ୍ ମିର୍ଜା ସୋହେଲ



@ ପ୍ରିୟଦର୍ଶିନୀ



@ ସାଗର



@ ସାଗର



@ ଅମରେଶ



@ ଅଶ୍ୱିନୀ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଏନ୍‌କାଉଣ୍ଟର ଘଟଣା: ମୁଖ୍ୟ ଅଭିଯୁକ୍ତ ଟିକୁ ଜେଲ ଗଲେ

**କଟକ ଅଫିସ, ୨୫।୮:** ପୁରୀଘାଟ ଥାନା ପିଠାପୁର ଅଞ୍ଚଳରେ ଏକ ଲୁଟ୍ ଘଟଣାର ମୁଖ୍ୟ ଅଭିଯକ୍ତ ଅନିଲ ବେହେରା ଓରଫ୍ ଟିକୁଙ୍କୁ ପୋଲିସ ଗତ ୧୭ ତାରିଖରେ ଏନ୍‌କାଉଣ୍ଟର କରିଥିଲା। ଫଳରେ ଟିକୁଙ୍କ ବାମ ଗୋଡରେ ଗୁଳି ବାଜିବାରୁ ଗୁରୁତର ଅବସ୍ଥାରେ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଟିକୁ ସୁସ୍ଥ ହେବା ପରେ ଶନିବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। କୋର୍ଟରେ ତାଙ୍କର ଜାମିନ୍ ଆବେଦନ ଖାରଜ ହେବାରୁ ତାଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଗତ ୨ ତାରିଖ ରାତିରେ ପିଠାପୁର ଅଞ୍ଚଳର ବ୍ୟବସାୟୀ ସୁମିତ କୁମାର ବାଣ୍ଠିଆଙ୍କ ଠାରୁ ୭ ଲକ୍ଷ ଟଙ୍କା ଓ ସ୍କୁଟିକୁ ଟିକୁ ଏବଂ ତାଙ୍କର ସହଯୋଗୀ ଲୁଟି ନେଇଥିଲେ। ସୁମିତ୍ ଦୋକାନ ବନ୍ଦ କରି ଆସିବା ବାଟରେ ଫାଙ୍କା ଗୁଳିଚାଳନା କରି ଅଭିଯୁକ୍ତମାନେ ତାଙ୍କ ଠାରୁ ଲୁଟ୍ କରିଥିଲେ। ସୁମିତ୍ ଏ ନେଇ ପୁରୀଘାଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଗତ ୧୭ ତାରିଖରେ ଅଭିଯୁକ୍ତମାନେ ସ୍ଥାନୀୟ ନୂଆପଡାସ୍ଥିତ ଅଭିରାମ ମଠ ନିକଟରେ ବସିଥିବା ପୋଲିସ ସୂଚନା ପାଇଥିଲା। ଏକ ସ୍ୱତନ୍ତ୍ର ଟିମ୍ ସହ ପୁରୀଘାଟ ପୋଲିସ ସେଠାରେ ଚଢାଉ କରିବାରୁ ଅଭିଯୁକ୍ତ ଟିକୁ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ପରେ ପୋଲିସ ପାଲଟା ଗୁଳି ଚାଳନା କରିବାରୁ ଟିକୁ ଗୁରୁତର ହୋଇଥିଲେ।



“ ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ ନର ଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।

- ଜର୍ଜ ଇଲିଅଟ



## ସଂକ୍ଷେପରେ

### ବ୍ରାଉନ୍‌ସୁଗାର ସହ ଟଙ୍କା ଜବତ, ଜଣେ ଗିରଫ

ଜଟଣୀ,୨୫।୮(ଡି.ଏନ.ଏ.):ଜଟଣୀ ଅଞ୍ଚଳର ଜଣେ ବ୍ରାଉନ୍‌ସୁଗାର ବେପାରୀଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ବାଲିଛକ ମୁଣ୍ଡିଆସାହିର ଶିବୁ ଦାସ। ଏହି ବେପାରୀଙ୍କଠାରୁ ୧୨ ଗ୍ରାମ ଓଜନର ବ୍ରାଉନ୍‌ସୁଗାର ଓ ୨ ଲକ୍ଷ ୧୫ ହଜାର ୯ ଶହ ଟଙ୍କା ପୋଲିସ ଜବତ କରିଛି। ଜଳେଶ୍ୱର ଅଞ୍ଚଳରୁ ଏହି ମାରାତ୍ମକ ନିଶା ଆଣି ଶିବୁ ଜଟଣୀ ସମେତ ପିପିଲି ଓ ଖୋର୍ଦ୍ଧା ଅଞ୍ଚଳରେ ଏହାକୁ ବେପାର କରୁଥିବା ପଚରାଉଚୁରା ସମୟରେ ସ୍ୱୀକାର କରିଥିବା ଇନ୍ସପେକ୍ଟର ସଞ୍ଜୀବ ମହାନ୍ତି କହିଛନ୍ତି। ରେଲୱେ ଷ୍ଟେଶନ ଆଡୁ ଆସୁଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ପିଛା କରି ସ୍ଥାନୀୟ ସୀତାରାମ ଛକରେ ଶିବୁଙ୍କୁ ପୋଲିସ କାବୁ କରି ନେଇଥିଲା।

### ୩ ମୋବାଇଲ ଚୋର ଗିରଫ

ଝାଁଳା,୨୫।୮(ଡି.ଏନ.ଏ.): ଜଟଣୀ ଥାନା ଅନ୍ତର୍ଗତ ଝାଁଳା ଫାଣ୍ଡି ଅଞ୍ଚଳରୁ ଶନିବାର ୩ ଜଣ ମୋବାଇଲ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ୨୩ ତାରିଖ ରାତି ୯ଟା ୪୫ରେ ଭୁବନେଶ୍ୱରର ଡମଣାଠାରୁ ଦୁଇଜଣ ଯୁବକ ଏକ ବାଇକ୍‌ରେ ଜଟଣୀ ତାଙ୍କର ଜଣେ ପିଲାଙ୍କୁ ୧୦ ହଜାର ଟଙ୍କା ଦେବାକୁ ଯାଉଥିଲେ। ଝାଁଳା ପେଟ୍ରୋଲ ପମ୍ପଠାରେ ପରିସ୍ରା କରୁଥିବା ସମୟରେ ତାଙ୍କୁ ମାଡ ମାରି ତାଙ୍କଠାରୁ ଟଙ୍କା ଓ ଏକ ମୋବାଇଲ ଫୋନ୍ ୩ ଜଣ ଯୁବକ ଲୁଟି ନେଇଥିଲେ। ଏ ସମ୍ପର୍କରେ କେନ୍ଦ୍ରାପଡା ଅଞ୍ଚଳର କିଶୋର କୁମାର ଖଟୁଆ ଅଭିଯୋଗ କରିଥିଲେ। ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଏକ ଢାବାରେ ହଜାର ଟଙ୍କାକୁ ମୋବାଇଲ ଯାଉଥିବା ଜାଣିବାକୁ ପାଇଥିଲା। ପୋଲିସ ପହଞ୍ଚି ପ୍ରବୀଣ ପ୍ରଧାନ , ସୌଭାଗ୍ୟ ସାହୁ , ଉତ୍ତରମୁଣ୍ଡମୁହାଣ, ଝାଁଳା ଓ ହେମନ୍ତ ଜେନା(ଚନ୍ଦୁ) ପାତ୍ରପଡା ଅଞ୍ଚଳରୁ ଧରି ତାଙ୍କଠାରୁ ମୋବାଇଲକୁ ଉଦ୍ଧାର କରିଥିଲା। ଏ ନେଇ ଥାନାରେ ନଂ. ୨୮୯/୧୮ରେ ମାମଲା ରୁଜୁ କରିବା ସହ କୋର୍ଟ ଚାଲାଣ କରିଛି।

### ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ବୋଲଗଡ଼,୨୫।୮(ଡି.ଏନ.ଏ.)
ବୋଲଗଡ଼ ବ୍ଲକ କଡ଼ବସ୍ଥିତ ସରସ୍ୱତୀ ଶିଶୁମନ୍ଦିରଠାରେ ଶନିବାର ରାଜସୁନାଖଳା ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ଟି ସରସ୍ୱତୀ ଶିଶୁମନ୍ଦିରରୁ ୨୫୧ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶିକ୍ଷାବିତ୍ ତ୍ରିଲୋଚନ ଗଡବାଡ଼ ପୌରୋହିତ୍ୟ କରିଥିଲେ। ବୋଲଗଡ଼ ଏବିଇଓ ନାରାୟଣ ଛୁଆଳସିଂହ ମୁଖ୍ୟଅତିଥି ଓ ଶିକ୍ଷା ବିକାଶ ସମିତିର ବିଭାଗ ନିରୀକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, କୁଳମଣି ମିଶ୍ର, ଆଶିଷ କୁମାର ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଟ୍ରକ୍ ମାଲିକ ସଂଘ ସଦସ୍ୟଙ୍କୁ ଆକ୍ରମଣ

ଜଟଣୀ,୨୫।୮(ଡି.ଏନ.ଏ.):
ଜଟଣୀ ଟ୍ରକ୍ ମାଲିକ ମହାସଂଘର ଅନ୍ୟତମ କାର୍ଯ୍ୟକାରୀ ସଦସ୍ୟ ଅନନ୍ତ ଶତପଥୀଙ୍କୁ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ସଂଘର ସ୍ଥାନୀୟ କାର୍ଯ୍ୟାଳୟରେ ଯୋଗଦେଇ ବାହାରକୁ ଆସୁଥିବା ବେଳେ ସେହି ସମୟରେ ସଂଘର ଅନ୍ୟ ଦୁଇ ସଦସ୍ୟ ତାଙ୍କୁ ଆକ୍ରମଣ କରି ଆହତ କରିଥିଲେ। ସେ ବେକରେ ପକାଇଥିବା ସୁନାଚେନ୍‌କୁ ଛଡ଼ାଇ ନେଇଥିବା ଅଭିଯୋଗରେ ଅନନ୍ତ ଉଲ୍ଲେଖ କରିଛନ୍ତି।





ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ଭୁବନେଶ୍ୱର ଉପକଣ୍ଠ ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷାମନ୍ଦିରର ଛାତ୍ରୀଛାତ୍ର(ଉପର) ଏବଂ ପୁରୀ ଜିଲା ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ।

# ପ୍ଲାଷ୍ଟିକ୍ ଫ୍ରି ଅଭିଯାନରେ ଜିଲା ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକ

**ପୁରୀ ଅଫିସ, ୨୫।୮**

ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଆରମ୍ଭ ହୋଇଥିବା ପ୍ଲାଷ୍ଟିକ ଫ୍ରି ଅଭିଯାନକୁ ସମର୍ଥନ ଜଣାଇଛନ୍ତି ପୁରୀ ଜିଲା ସ୍କୁଲର ଶିକ୍ଷୟିତ୍ରୀ ଓ ଶିକ୍ଷକ। ସେମାନେ ଏହି ଅଭିଯାନକୁ ସ୍ୱାଗତ କରିବା ସହ ଶନିବାର ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ଓଡ଼ିଶା ଲାଗି ସଂକଳ୍ପ ନେଇଥିଲେ।

ଜିଲା ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର କୁହନ୍ତି, ଦିନକୁ ଦିନ ପଲିଥିନ ଓ ପ୍ଲାଷ୍ଟିକର ବ୍ୟବହାର ପରିବେଶ ପ୍ରତି ବିପଦ ସାଜୁଛି। ସାରା ବିଶ୍ୱରେ ଏହା ଚିନ୍ତାର କାରଣ ପାଲଟିଛି। ଏନେଇ ପିଲାମାନଙ୍କୁ ସଚେତନ କରାଯାଉଛି। ପ୍ରାର୍ଥନା ହଲ୍, କ୍ଲାସ ରୁମରେ ପିଲାଙ୍କୁ ଏ ନେଇ ପରାମର୍ଶ ଦିଆଯାଉଛି।

ବରିଷ୍ଠ ଶିକ୍ଷୟିତ୍ରୀ ପ୍ରମୋଦା ମିଶ୍ର କୁହନ୍ତି, ସ୍କୁଲ ପରିସରକୁ କିପରି ପଲିଥିନ ଓ ପ୍ଲାଷ୍ଟିକ ମୁକ୍ତ କରାଯାଇପାରିବ ସେ ନେଇ ଆମ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ମଧ୍ୟରେ ଆଲୋଚନା କରାଯାଉଛି। ବିଦ୍ୟାଳୟରେ ପଲିଥିନ ବନ୍ଦ ଉପରେ ଗୁରୁତ୍ୱ ଦିଆଯାଉଛି। କ୍ଲାସ ରୁମରେ ଡଷ୍ଟବିନ୍ ରଖାଯାଇଛି। ବିଦ୍ୟାଳୟକୁ ପଲିଥିନ୍‌ରେ ଗରମ ଖାଦ୍ୟ ନ ଆଣିବା ଲାଗି ପିଲାଙ୍କୁ କୁହାଯାଉଛି। ଶିକ୍ଷକ ବିଶ୍ୱଜିତ ବାନାର୍ଜୀ କୁହନ୍ତି, ନିଜେ ସଚେତନ ହେଲେ ଏହି ସମସ୍ୟାର ସମାଧାନ ହୋଇପାରିବ। ପିଲାଙ୍କୁ ସଚେତନ କରାଯାଉଛି। ସେମାନେ ନିଜ ପରିବାରରେ ମଧ ଏ ସମ୍ପର୍କରେ ଅନ୍ୟମାନଙ୍କୁ କହିବେ। ଏହାଦ୍ୱାରା ଏକ ବଡ଼ ଧରଣର ପରିବର୍ତ୍ତନ ଆସିପାରିବ ବୋଲି ଆଶା କରୁଛୁ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଉମାଦେବୀ, ଯୋଗମାୟା ସେନ, ଜ୍ୟୋତ୍ସ୍ନାମୟୀ ଦେବୀ, ମମତା ପଟ୍ଟନାୟକ, ବିଜୟା ଶ୍ରୀଚନ୍ଦନ, ଶିକ୍ଷକ ମନୋଜ ପ୍ରଧାନ, ଗଙ୍ଗାଧର ଦାସ, ଗୋପାଳ ଚନ୍ଦ୍ର ପରିଡା, ଏମ.ଏସ. ଅନୱାର, ବିଜୟ ପ୍ରଧାନ, ଅଜୟ କୁମାର ଓଝା ଓ ଅରୁଣ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଜଟଣୀ ବ୍ଲକରେ ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ

**ଜଟଣୀ, ୨୫।୮(ଡି.ଏନ.ଏ.)**

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଜଟଣୀ ବ୍ଲକର ୧୫ଟି ପଞ୍ଚାୟତ ପାଇଁ ୩ କୋଟି୭୫ ଲକ୍ଷ ଟଙ୍କାରେ ୧୦୧ଟିପ୍ରକଳ୍ପ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଞ୍ଜୁର କରିଛନ୍ତି। ଏଥିପାଇଁ ବ୍ଲକ ପରିସରରେ ସମସ୍ତ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ଜିଲା ପରିଷଦର ସଦସ୍ୟାସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ବିଭିନ୍ନ ପଞ୍ଚାୟତର ଜନସାଧାରଣ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ମିଶ୍ର, ଜଟଣୀ ପୂର୍ବତନ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ, ବେଗୁନିଆ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ବିଡ଼ିଓ ବାସୁଦେବ ମାହାରୀ, ଏବିଡିଓ ଜୟସୂର୍ଯ୍ୟ ରଥ, କର୍ମଚାରୀ, ବିଜୁ ବାହିନୀର ସଦସ୍ୟମାନେ ସହାୟତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ବ୍ଲକ ଅଧ୍ୟକ୍ଷା ବନଜା ଜେନା ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ରାଜନେତା ଓ ଅନ୍ୟମାନେ ।

## ବାଜପେୟୀଙ୍କୁ ସାମୂହିକ ଶ୍ରଦ୍ଧାଞ୍ଜଳି

**ଖୋର୍ଦ୍ଧା ଅଫିସ,୨୫।୮:**

ଭାରତୀୟ ରାଜନୀତିର ପିତାମହ ଭୀଷ୍ମ, ବିଶିଷ୍ଟ ରାଜନୈତିଜ୍ଞ, ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କର ଦଶାହ ଅବସରରେ ସାମୂହିକ ଶ୍ରଦ୍ଧାଞ୍ଜଳି ସଭା ରବିବାର ଖୋର୍ଦ୍ଧାରେ ଅନୁଷ୍ଠିତ ହୋଇଯାଇଛି। ବାଜପେୟୀ ସ୍ମୃତି ସମାରୋହ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କଂଗ୍ରେସର ଜିଲା ସଭାପତି ସୁର ରାଉତରାୟ, ରାଜ୍ୟ ମୁଖପାତ୍ର ସତ୍ୟ ପ୍ରକାଶ ନାୟକ, ଯୁବନେତା ସଞ୍ଜୟ ପଟ୍ଟନାୟକ, ଖୋର୍ଦ୍ଧା ବ୍ଲକ ସଭାପତି ପଦ୍ମ ଚରଣ ରାୟ, ଭାଜପା ନେତା ସୁବାସ ଗନ୍ତାୟତ, ପୂର୍ବତନ ଜିଲା ସଭାପତି ଅଜୟ ମିଶ୍ର ଓ ସନ୍ତୋଷ ଜେନା, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ସମ୍ପାଦକ ଜତିନ ମହାନ୍ତି, କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଶ୍ରୀରଞ୍ଜନ ମଙ୍ଗରାଜ ଓ ରାଜ୍ୟ ସଂଯୋଜକ ବିଶ୍ୱଜିତ୍ ସ୍ୱାଇଁ, ରଶ୍ମି ରଞ୍ଜନ ମହାପାତ୍ର, ଆଇନଜୀବୀ ପ୍ରଫୁଲ୍ଲ ମିଶ୍ର, ଅଜିତ ପଟ୍ଟନାୟକ, ପୂର୍ବତନ ବାର ସଭାପତି ନୃସିଂହ ମିଶ୍ର ଓ ଶକ୍ତି ଶଙ୍କର ମିଶ୍ର, ଚିଲିକା ବିଧାୟକ ବିଭୂତି ଭୂଷଣ ହରିଚନ୍ଦନ ପ୍ରମୁଖ ଯୋଗ ଦେଇଥିଲେ। ସଭାକୁ ନରେନ୍ଦ୍ର ପୃଷ୍ଟି, ଧୀରେନ୍ଦ୍ର ନନ୍ଦ, ମିହିର ବିଧାର ପରିଚାଳନା କରିଥିଲେ।



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥିମାନେ।

### ଯୁବ ରେଡକ୍ରସ୍‌ର କାର୍ଯ୍ୟକାରିଣୀ ବୈଠକ

**ଖୋର୍ଦ୍ଧା ଅଫିସ,୨୫।୮:**
ଖୋର୍ଦ୍ଧା ଜିଲା ଯୁବ ରେଡ଼କ୍ରସ ଶାଖା ପକ୍ଷରୁ ପି.ଏନ. କଲେଜର ମୈତ୍ରୀ ଭବନରେ ଶନିବାର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଯୁବ ରେଡ଼କ୍ରସର ଅଧିକାରିଣୀ ମେଜର କଳ୍ପନା ଦାସ ମୁଖ୍ୟଅତିଥି ରୂପେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ରୂପେ ପୂର୍ବତନ ବିଧାୟକ ତଥା ମହାବିଦ୍ୟାଳୟ ପରିଚାଳନା ସମିତିର ଅଧ୍ୟକ୍ଷ ଜ୍ୟୋତିନ୍ଦ୍ରନାଥ ମିତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଷୀରୋଦ ପ୍ରସାଦ ମହାନ୍ତି, ରାଜ୍ୟ ଜୁନିୟର ରେଡକ୍ରସ ଅଫିସର ରଞ୍ଜନ କୁମାର ସାହୁ, ଉପସଚିବ ସୁବାସ ଚନ୍ଦ୍ର ରାୟ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସମ୍ପାଦକ ସୁବୋଧ କୁମାର ଜଗଦେବ ଓ ଜିଲା ସଂଯୋଜକ ଲକ୍ଷ୍ମୀପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲାର ୩୫ଟି କଲେଜର ଅଧ୍ୟକ୍ଷ, ଯୁବ ରେଡକ୍ରସ ଉପଦେଷ୍ଟା ଏଥିରେ ଯୋଗ ଦେଇଥିଲେ।

### ବସ୍ ରହଣି ଦାବିରେ ଛାତ୍ରୀଛାତ୍ରଙ୍କ ରାସ୍ତାରୋକୋ

**ଖୋର୍ଦ୍ଧା ଅଫିସ,୨୫।୮:**
ବସ୍‌ଷ୍ଟପେଜ ଓ ବସ ରହଣି ଦାବି ନେଇ କଲିକତା-ଚେନ୍ନାଇ ୧୬ ନଂ . ଜାତୀୟ ରାଜପଥ ପ୍ରାୟ ୧୫ ମିନିଟ୍ ଧରି ଅବରୋଧ ହୋଇଥିଲା। ଖୋର୍ଦ୍ଧା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଶନିବାର ଅପରାହ୍ନ ୩ଟାରେ ଧାରଣା ଦେଇଥିଲେ। ଖବରପାଇ ଟାଉନ ଥାନା ପୋଲିସ ଓ କଲେଜର ଅଧ୍ୟକ୍ଷ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

## ସିପିଆଇର ଆଇନ ଅମାନ୍ୟ ଆନ୍ଦୋଳନ

**ବେଗୁନିଆ,୨୫।୮ (ଡି.ଏନ.ଏ.)**

ବେଗୁନିଆ ତହସିଲ ଓ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ୧୧ ଦଫା ଦାବି ନେଇ ସିପିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦଳର ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ବସନ୍ତ ପାଇକରାୟଙ୍କ ନେତୃତ୍ୱରେ ସ୍ଥାନୀୟ ତହସିଲ ଅଞ୍ଚଳର ୨ ଶହରୁ ଊର୍ଦ୍ଧ୍ୱ ସାଧାରଣ ବର୍ଗ ଏବଂ ଆଦିବାସୀ ମହିଳାପୁରୁଷ ସମ୍ମିଳିତ ହୋଇଥିଲେ । ସ୍ଥାନୀୟ ପୋଷ୍ଟ ଅଫିସ ଛକଠାରୁ ୫୭ ନଂ. ଜାତୀୟ ରାଜପଥ ଦେଇ ଶୋଭାଯାତ୍ରା ବାହାରିଥିଲା। ବିଭିନ୍ନ ସ୍ଲୋଗାନ ଦେଇ ସେମାନେ ଆଇନ ଅମାନ୍ୟ ଆନ୍ଦୋଳନ ପ୍ରାୟ ୨ ଘଣ୍ଟା ଧରି ଜାରି ରଖିଥିଲେ। ଏପରି କି ସେମାନେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ବିଡିଓ ଓ ତହସିଲଦାରଙ୍କ ଜରିଆରେ ପ୍ରେରଣ କରିଥିଲେ। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ବେଗୁନିଆ ତହସିଲ ଅଞ୍ଚଳର ପ୍ରାୟ ୧୬୨ଟି ଗ୍ରାମର ସାଧାରଣ ବର୍ଗ ଓ ଆଦିବାସୀଙ୍କୁ ବହୁ ବର୍ଷ ହେଲା ପ୍ରଶାସନ ପକ୍ଷରୁ ଅଣଦେଖା କରାଯାଉଛି। ଆଗାମୀ ମାସେ ମଧ୍ୟରେ ଯଦି ସରକାର ଆମ ସମସ୍ୟା ନ ବୁଝନ୍ତି ଏବଂ ତୁରନ୍ତ ସମାଧାନ ନ କରନ୍ତି ତେବେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ ବୋଲି ପ୍ରମୋଦିନୀ ପାଇକରାୟ, ସୁବାସିନୀ ଭଦ୍ର ପ୍ରମୁଖ କହିଛନ୍ତି, ସେମାନଙ୍କର ପ୍ରମୁଖ ଦାବିଗୁଡିକ ହେଲା ଭୂମିହୀନ ଓ ବାସହରାଙ୍କୁ ଜମି ଯୋଗାଇ ଦେବା, ସଅର ଜାତିକୁ ଆଦିବାସୀ ମାନ୍ୟତା, କୃଷି ଋଣ ଛାଡ, ଧାନ କୁଇଣ୍ଟାଲ ୩ ହଜାର ଟଙ୍କା, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ପାନୀୟ ଜଳ ବ୍ୟବସ୍ଥା କରାଯାଉ।

## ବାଣପୁରରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା

**ଖୋର୍ଦ୍ଧା ଅଫିସ,୨୫।୮**

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଦୁଇଦିନିଆ ବାଣପୁର ବ୍ଲକ ଗସ୍ତରେ ଆସିଛନ୍ତି। ଖୋର୍ଦ୍ଧାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଶନିବାର ଅପରାହ୍ନରେ ଶିଶୁ ସୁରକ୍ଷା ଅଧକ୍ଷା ବାଣପୁରରେ ପହଞ୍ଚି ନେହେରୁ ସେବା ସଂଘ ଓ ଶାଳିଆ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ଶିଶୁ ସୁରକ୍ଷା ସମିତିର ସଦସ୍ୟ ସାମାଜିକ କର୍ମୀ ବିପ୍ଳବ ମଲ୍ଲିକ ପ୍ରମୁଖ ଅପରାହ୍ନରେ ବାଣପୁରରେ ପହଞ୍ଚି ଦାମିଆ ବରବରା ପଞ୍ଚାୟତରେ ଅବସ୍ଥିତ ଶାଳିଆ ଆଶ୍ରମ ବିଦ୍ୟାଳୟକୁ ଯାଇ ପରିଦର୍ଶନରେ ସହଯୋଗ କରିଥିଲେ। ଏହି ଟିମ୍ ବିଦ୍ୟାଳୟ ଓ ଛାତ୍ରାବାସ ବୁଲି ଦେଖିବା ସହ ପ୍ରଧାନ ଶିକ୍ଷକ ଓ କର୍ମଚାରୀଙ୍କୁ ବିଭିନ୍ନ ତଥ୍ୟ ପଚାରି ବୁଝିଥିଲେ। ସନ୍ଧ୍ୟାରେ ଏହି ଟିମ୍ ବାଣପୁର ବଜାରର ନେହେରୁ ସେବା ସଂଘରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ସଂଘର ଛାତ୍ରାବାସ ଓ ବିଦ୍ୟାଳୟ ପରିଦର୍ଶନ କରି ଖାଦ୍ୟର ମାନ, ସ୍ୱଚ୍ଛତା ଓ ପରିମଳ ଉପରେ ଗୁରୁତ୍ୱାରୋପ କରିଥିଲେ। ରବିବାର ଏହି ଟିମ୍ ବାଣପୁର ଥାନା, ଡାକ୍ତରଖାନା ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ଛତୁଆ ଉତ୍ପାଦାନ କେନ୍ଦ୍ର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।



ଅଧକ୍ଷାଙ୍କ ଗହଣରେ ପିଲାମନେ।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ସେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ଦିଗରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ବେଗ୍ ମିର୍ଜା ସୋହେଲ



@ ପ୍ରିୟଦର୍ଶିନୀ



@ ସାଗର



@ ସାଗର



@ ଅମରେଶ



@ ଅଶ୍ୱିନୀ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ବଡ଼ବେରଣା ଗ୍ରାମରେ ଡେଙ୍ଗୁରେ ୧୦ ଆକ୍ରାନ୍ତ

**ବେଗୁନିଆ,୨୫।୮ (ଡି.ଏନ.ଏ.)**

ବେଗୁନିଆ ବ୍ଲକ ବଡବେରଣା ଗ୍ରାମରେ ଶନିବାର ଆଉ ୨ ଜଣ ମହିଳା ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସେମାନେ ହେଲେ ଶୁଭଲକ୍ଷ୍ମୀ ମହାପାତ୍ର ଓ ଶକୁନ୍ତଳା ପଣ୍ଡା। ଏମାନଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯାଉଛି। ମାତ୍ର ଶୁଭଲକ୍ଷ୍ମୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି। ତେବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଥିବା ରୋଗୀ ସଂଖ୍ୟା ଦିନକୁଦିନ ବୃଦ୍ଧି ପାଇ ୮ ଦିନରେ ୧୦ ଜଣ ଆକ୍ରାନ୍ତ ହେଲେଣି। ସେହିପରି ଉକ୍ତ ଗ୍ରାମରେ ଜ୍ୱରରେ ବହୁ ରୋଗୀ ଏବେ ମଧ ଆକ୍ରାନ୍ତ ହୋଇ ପ୍ରାଥମିକ ଚିକିତ୍ସା ହେଉଛନ୍ତି। ଅନ୍ୟପକ୍ଷରେ ରୋଗର ପ୍ରତିକାର ପାଇଁ ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଟିଆଇ ସିଞ୍ଚନ କରାଯାଇଛି। ବିଭାଗ ପକ୍ଷରୁ ଏକ ଟିମ ଗଠନ କରାଯାଇ ଗ୍ରାମର ସମସ୍ତ ଘର ଘର ବୁଲି ରୋଗୀଙ୍କୁ ପରାମର୍ଶ କରାଯାଇଥିଲା। ଏଥିସହ ରୋଗୀମାନଙ୍କୁ ପାରାସିଟାମଲ ବଟିକା ବଣ୍ଟନ କରାଯାଇଥିଲା। ପୂର୍ବ ସୂଚନା ମୁତାବକ ଗ୍ରାମର ନିଖିଳ ମହାପାତ୍ର, ରେଣୁବାଳା ବାରିକ, ଅବିନାଶ ମହାପାତ୍ର, ଯଶୋଦା ବେହେରା, ରାଜକିଶୋର ରଣା, ରମେଶ ପଣ୍ଡା, କୌଶଲ୍ୟା ମହାପାତ୍ର ଓ ତାଙ୍କ ବୋହୂ ରଞ୍ଜିତା ମହାପାତ୍ର ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ସେହିପରି ପୋଡାଡିହ ପଞ୍ଚାୟତ ଅନ୍ତର୍ଗତ ତଳଗଡ ଗ୍ରାମର ବିଶ୍ୱେଶ୍ୱର ବଳିୟାରସିଂହ ଏହି ରୋଗରେ ମଧ ଚିକିତ୍ସିତ ହେଉଛନ୍ତି।



ଏ ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ୍ୟ ନର ଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।
-ଜର୍ଜ ଇଲିଅଟ



## ସଂକ୍ଷେପରେ

### ସାହିତ୍ୟ ବାତାବରଣ ପ୍ରଭାବଶାଳୀ ସାହିତ୍ୟ ସୃଷ୍ଟି କରେ

**ପୁରୀ ଅଫିସ, ୨୫।୮:** ସାହିତ୍ୟ ବାତାବରଣ ହିଁ ପ୍ରଭାବଶାଳୀ ସାହିତ୍ୟ ସୃଷ୍ଟି କରେ। ପୂର୍ବରୁ ପ୍ରାଚୀନ ସାହିତ୍ୟର ବିକାଶ ଦିଗରେ ଓଡ଼ିଶାର ରାଜା ମହାରାଜମାନଙ୍କ ଅବଦାନ ଅତୁଳନୀୟ। ସେମାନେ ନିଜ ପୃଷ୍ଠପୋଷକତାରେ ଓଡ଼ିଆ ସାହିତ୍ୟର ବିକାଶ ଲାଗି ଚିନ୍ତନ କରୁଥିଲେ। ସାହିତ୍ୟ ପରିବେଶ ସୃଷ୍ଟି କରି କବି ଓ ସାହିତ୍ୟିକ ଆଲୋଚନାଚକ୍ର ଆୟୋଜନ କରୁଥିଲେ। ଫଳରେ ଓଡ଼ିଆ ସାହିତ୍ୟ ବଞ୍ଚି ରହିଥିଲା ବୋଲି ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ସଦ୍‌ଭାବନା ଗୃହରେ ଶନିବାର ଆୟୋଜିତ ମାସିକ ସାହିତ୍ୟ ଆଲୋଚନାଚକ୍ରରେ ଯୋଗଦେଇ ଐତିହ୍ୟ ଗବେଷକ ତଥା ସୁସାହିତ୍ୟିକ ଡ. ସୁରେନ୍ଦ୍ର ମିଶ୍ର କହିଛନ୍ତି। ପରିଷଦର ଉପସଭାପତି ପ୍ରଫେସର ଅଦ୍ୱୈତ ଚରଣ ଧଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାହିତ୍ୟ ଆସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହରିହର ମିଶ୍ର ମୁଖ୍ୟଅତିଥି, କେନ୍ଦ୍ର ସାହିତ୍ୟ ଏକାଡେମୀପୁରସ୍କାରପ୍ରାପ୍ତ ବିଶିଷ୍ଟ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ଦିଗରେ ସମସ୍ତଙ୍କ ଦାୟିତ୍ୱ ରହିଛି ବୋଲି କହିଥିଲେ। ଶିଶୁ ସାହିତ୍ୟିକ ସତ୍ୟ ନାରାୟଣ ମିଶ୍ର ସ୍ୱାଗତ ଭାଷଣ, ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସାହିତ୍ୟିକ ତଥା ସାମାଜିକ କର୍ମୀ ପ୍ରତିମା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ କବିତା ଆସରକୁ କବି ମହେନ୍ଦ୍ର କୁମାର ଦାଶ ଓ ଆଲୋକ କୁମାର ପ୍ରଧାନ ସଂଯୋଜନା କରିଥିଲେ।

### ବ୍ରହ୍ମଗିରି ଭାଜପାରେ ବଢ଼ୁଛି ଗୋଷ୍ଠୀ କନ୍ଦଳ

**ବ୍ରହ୍ମଗିରି, ୨୫।୮(ଡି.ଏନ୍.ଏ.):** ଭାରତର ପୂର୍ବତନ ପ୍ରଧାନ ମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଦଶାହରେ ଶନିବାର ବ୍ରହ୍ମଗିରି ଭାଜପା ପକ୍ଷରୁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ବ୍ରହ୍ମଗିରି ବ୍ଲକର ପୁରାତନ ଭାଜପା କର୍ମୀମାନଙ୍କୁ ନେଇ ଏହି ସଭା ଆୟୋଜିତ ହୋଇଥିବା ସମୟରେ ଭାଜପାରେ ଯୋଗ ଦେଇଥିବା ନୂତନ କର୍ମୀ ଏବଂ ସେମାନଙ୍କ ନେତାମାନଙ୍କ ଦେଖା ନ ଥିଲା। ଫଳରେ ବ୍ରହ୍ମଗିରି ଭାଜପାରେ ଥିବା ଗୋଷ୍ଠୀ କନ୍ଦଳ ଥିବା ଅନୁମାନ କରାଯାଉଛି। ଏହି କାର୍ଯ୍ୟକ୍ରମ ପାଇଁ ଭାଜପା ତରଫରୁ ବ୍ୟାପକ ପ୍ରସ୍ତୁତି ହୋଇ ନିମନ୍ତ୍ରଣ ପତ୍ର ବଣ୍ଟାଯାଇଥିଲା। ଏହି ସଭା ବ୍ରହ୍ମଗିରି ପଞ୍ଚୁ ଦୋଳ ମେଳଣ ପଡିଆରେ ହେବାକୁ ସ୍ଥିର ହୋଇଥିଲା। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନସାରେ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବାଜପେୟୀଙ୍କ ଉଦ୍ଦେଶ୍ୟରେ କେତକ କର୍ମୀ ଲଣ୍ଡା ହୋଇଥିଲେ। ଶେଷରେ ସାଧାରଣ ଲୋକଙ୍କୁ ଅନ୍ନଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶରତ ମିଶ୍ର, ଆର୍ତ୍ତତ୍ରାଣ ପ୍ରଧାନ, ଗୀତାରାଣୀ ସାହୁ, ବିଦ୍ୟାଧର ଦଳାଇ, ରବୀନ୍ଦ୍ର ନାୟକ, ଲକ୍ଷ୍ମଣ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

### ପିପିଲିରେ ଆମ ଗାଁ ଆମ ବିକାଶ କାର୍ଯ୍ୟ
### ୨୭୧ ପ୍ରକଳ୍ପ ପାଇଁ ୬କୋଟି ୨୫ଲକ୍ଷ ଟଙ୍କା ମଞ୍ଜୁର

**ପିପିଲି, ୨୫।୮(ଡି.ଏନ୍.ଏ.):** ପିପିଲିରେ ଅବସ୍ଥିତ କସ୍ତୁରବା ଗାନ୍ଧୀ ଡିଗ୍ରୀ ମହିଳା ମହାବିଦ୍ୟାଳୟ ଖେଳ ପଡ଼ିଆରେ ଶନିବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଗାଁର ଲୋକପ୍ରତିନିଧିଙ୍କ ସହିତ ଆଲୋଚନା କରି ବିଭିନ୍ନ ପ୍ରକଳ୍ପ ମଞ୍ଜୁର କରିଥିଲେ। ପିପିଲି ବ୍ଲକର ୨୫ଟି ପଞ୍ଚାୟତକୁ ୨୭୧ଟି ପ୍ରକଳ୍ପ ପାଇଁ ୬କୋଟି ୨୫ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଗାଁର ଯୁବ ବିକାଶ କେନ୍ଦ୍ର, ମିଶନ ଶକ୍ତି ଗୃହ, ସଂକୀର୍ତ୍ତନ ମଣ୍ଡପ ନିର୍ମାଣ, କୋଠଘର ପରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଏହି ଅର୍ଥ ବିନିଯୋଗ ହେବ ବୋଲି କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଜ୍ୟୋତିପ୍ରକଶ ଦାସ, ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚରଣ ମାଝି, ବିଡିଓ ଶ୍ୟାମ ସୁନ୍ଦର ଟୁଡୁ, ପିପିଲି ବ୍ଲକ ଅଧ୍ୟକ୍ଷ କଳ୍ପନା ସାମନ୍ତରାୟ, ଉପାଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁ, ଜିପିଓ ଦୀପକ କୁମାର ଜେନାଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ସମିତି ସଭ୍ୟ, ସରପଞ୍ଚ, ମହିଳା ଅଧିକାରୀ, ପିପିଲି ବ୍ଲକର ସମସ୍ତ ମହିଳା ଗୋଷ୍ଠୀ ଉପସ୍ଥିତ ଥିଲେ।





ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ଭୁବନେଶ୍ୱର ଉପକଣ୍ଠ ନହରକଣ୍ଟାସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀଛାତ୍ର(ଉପର) ଏବଂ ପୁରୀ ଜିଲା ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ।

# ପ୍ଲାଷ୍ଟିକ୍ ଫ୍ରି ଅଭିଯାନରେ ଜିଲା ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକ

**ପୁରୀ ଅଫିସ, ୨୫।୮**

ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଆରମ୍ଭ ହୋଇଥିବା ପ୍ଲାଷ୍ଟିକ୍ ଫ୍ରି ଅଭିଯାନକୁ ସମର୍ଥନ ଜଣାଇଛନ୍ତି ପୁରୀ ଜିଲା ସ୍କୁଲର ଶିକ୍ଷୟିତ୍ରୀ ଓ ଶିକ୍ଷକ। ସେମାନେ ଏହି ଅଭିଯାନକୁ ସ୍ୱାଗତ କରିବା ସହ ଶନିବାର ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ଓଡ଼ିଶା ଲାଗି ସଂକଳ୍ପ ନେଇଥିଲେ।

ଜିଲା ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର କୁହନ୍ତି, ଦିନକୁ ଦିନ ପଲିଥିନ ଓ ପ୍ଲାଷ୍ଟିକର ବ୍ୟବହାର ପରିବେଶ ପ୍ରତି ବିପଦ ସାଜୁଛି। ସାରା ବିଶ୍ୱରେ ଏହା ଚିନ୍ତାର କାରଣ ପାଲଟିଛି। ଏନେଇ ପିଲାମାନଙ୍କୁ ସଚେତନ କରାଯାଉଛି। ପ୍ରାର୍ଥନା ହଲ୍, କ୍ଲାସ ରୁମରେ ପିଲାଙ୍କୁ ଏ ନେଇ ପରାମର୍ଶ ଦିଆଯାଉଛି।

ବରିଷ୍ଠ ଶିକ୍ଷୟିତ୍ରୀ ପ୍ରମୋଦା ମିଶ୍ର କୁହନ୍ତି, ସ୍କୁଲ ପରିସରକୁ କିପରି ପଲିଥିନ ଓ ପ୍ଲାଷ୍ଟିକ ମୁକ୍ତ କରାଯାଇପାରିବ ସେ ନେଇ ଆମ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ମଧ୍ୟରେ ଆଲୋଚନା କରାଯାଉଛି। ବିଦ୍ୟାଳୟରେ ପଲିଥିନ ବନ୍ଦ ଉପରେ ଗୁରୁତ୍ୱ ଦିଆଯାଉଛି। କ୍ଲାସ ରୁମରେ ଡଷ୍ଟବିନ୍ ରଖାଯାଇଛି। ବିଦ୍ୟାଳୟକୁ ପଲିଥିନ୍‌ରେ ଗରମ ଖାଦ୍ୟ ନ ଆଣିବା ଲାଗି ପିଲାଙ୍କୁ କୁହାଯାଉଛି। ଶିକ୍ଷକ ବିଶ୍ୱଜିତ ବାନାର୍ଜୀ କୁହନ୍ତି, ନିଜେ ସଚେତନ ହେଲେ ଏହି ସମସ୍ୟାର ସମାଧାନ ହୋଇପାରିବ। ପିଲାଙ୍କୁ ସଚେତନ କରାଯାଉଛି। ସେମାନେ ନିଜ ପରିବାରରେ ମଧ୍ୟ ଏ ସମ୍ପର୍କରେ ଅନ୍ୟମାନଙ୍କୁ କହିବେ। ଏହାଦ୍ୱାରା ଏକ ବଡ଼ ଧରଣର ପରିବର୍ତ୍ତନ ଆସିପାରିବ ବୋଲି ଆଶା କରୁଛୁ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଉମାଦେବୀ, ଯୋଗମାୟା ସେନ, ଜ୍ୟୋତ୍ସ୍ନାମୟୀ ଦେବୀ, ମମତା ପଟ୍ଟନାୟକ, ବିଜୟା ଶ୍ରୀଚନ୍ଦନ, ଶିକ୍ଷକ ମନୋଜ ପ୍ରଧାନ, ଗଙ୍ଗାଧର ଦାସ, ଗୋପାଳ ଚନ୍ଦ୍ର ପରିଡା, ଏମ୍.ଏସ. ଅନୱାର, ବିଜୟ ପ୍ରଧାନ, ଅଜୟ କୁମାର ଓଝା ଓ ଅରୁଣ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାର ୮୮ ଗାଁ ସୁନାମି ପ୍ରବଣ

## ସେପ୍ଟେମ୍ବର ୫ରେ ପ୍ରତି ଗାଁରେ ହେବ ମକ୍‌ଡ୍ରିଲ

**ପୁରୀ ଅଫିସ, ୨୫।୮:**

ସମୁଦ୍ର ଉପକୂଳ ଅଞ୍ଚଳରେ ରାଜ୍ୟର ୩୨୮ଟି ଗାଁ ସୁନାମି ପ୍ରବଣ। ସେଥିମଧ୍ୟରେ ପୁରୀ ଜିଲାର କୃଷ୍ଣପ୍ରସାଦ, ବ୍ରହ୍ମଗିରି, କାକଟପୁର, ଅସ୍ତରଙ୍ଗ, ଗୋପ ଓ ପୁରୀ ସଦର ଏହି ୬ଟି ବ୍ଲକର ୮୮ଟି ଗାଁ ରହିଛି। ଉକ୍ତ ଗ୍ରାମ ଗୁଡିକରେ ଆସନ୍ତା ସେପ୍ଟେମ୍ବର ୫ରେ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ସୁନାମି ତଥା ବିପର୍ଯ୍ୟୟ ମୁକାବିଲା ମକ୍‌ଡ୍ରିଲ ହେବ। ବିପର୍ଯ୍ୟୟ ଆସିଲେ ଉଦ୍ଧାର ଓ ଥଇଥାନ କାର୍ଯ୍ୟ କରାଯିବା ସହ ସାହସିକତାର ସହ କିଭଳି ବିପର୍ଯ୍ୟୟ ମୁକାବିଲା ହେବ ତାହା ଏହି ମକ୍‌ଡ୍ରିଲର ମୁଖ୍ୟ ଉଦ୍ଦେଶ୍ୟ। ମକ୍‌ଡ୍ରିଲ ସଂକ୍ରାନ୍ତରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବ। ଆସନ୍ତା ୩୧ତାରିଖରେ ବ୍ଲକସ୍ତରୀୟ ସୁନାମି ମକ୍‌ଡ୍ରିଲ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ। ୨ ଏବଂ ୩ ତାରିଖରେ ସୁନାମି ପ୍ରବଣ ପ୍ରତି ଗ୍ରାମରେ ପ୍ରସ୍ତୁତି ବୈଠକ କରାଯିବ। ସ୍ଥାନୀୟ ଭୂ-ଅର୍ଜନ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ବିଭୂତି ଭୂଷଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲାସ୍ତରୀୟ ସୁନାମି ମକ୍‌ଡ୍ରିଲ ପ୍ରସ୍ତୁତି ବୈଠକରେ ଏହା ସ୍ଥିର ହୋଇଛି। ୮୮ଟି ଗ୍ରାମରେ ମକ୍‌ଡ୍ରିଲ ହେବାକୁ ଥିବାବେଳେ କେଉଟଜଙ୍ଗା ଗ୍ରାମ ଫୋକସରେ ରହିବ। ଏହି ଗ୍ରାମରେ ସେହିଦିନ ମକ୍‌ଡ୍ରିଲ ଅନୁଧ୍ୟାନ କରିବା ଲାଗି ରାଜ୍ୟ ଓ ଜାତୀୟସ୍ତରର ପ୍ରତିନିଧି ଆସିବେ। ଏହି ପ୍ରସ୍ତୁତି ବୈଠକରେ ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟମଞ୍ଜରୀ ଦାସ, ଡେପୁଟି କଲେକ୍ଟର ଇତିଶ୍ରୀ ନାୟକ, ସିଡିଏମ୍‌ଓ(ଇନଚାର୍ଜ) ଭାସ୍କର ସାମନ୍ତରାୟ ଏବଂ ଉକ୍ତ ୬ଟି ବ୍ଲକର ବିଡିଓ ଓ ତହସିଲଦାରମାନେ ଉପସ୍ଥିତ ଥିଲେ।

## ଝାଡ଼ଖଣ୍ଡର ୨୨ ଡିସିପିଓଙ୍କ ପୁରୀ ଗସ୍ତ

**ପୁରୀ ଅଫିସ, ୨୫।୮:**

ଝାଡଖଣ୍ଡ ସରକାରଙ୍କ ଅଧୀନରେ କାର୍ଯ୍ୟରତ ସମସ୍ତ ଜିଲାର ଶିଶୁ ସୁରକ୍ଷା ଅଧିକାରୀ(ଡିସିପିଓ)ମାନେ ଶନିବାର ପୁରୀ ଗସ୍ତରେ ଆସିଥିଲେ। ଏଥିରେ ୨୨ ଡିସିପିଓ ଥିଲେ। ପୁରୀ ଜିଲାରେ ଶିଶୁ ସୁରକ୍ଷା, ଶିଶୁ ଯତ୍ନ ୟୁନିଟ୍, ଶିଶୁଙ୍କ ଉପଯୁକ୍ତ ଥଇଥାନ ଉପରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀଙ୍କ ସହିତ ସେମାନେ ଆଲୋଚନା କରିଥିଲେ। ପୁରୀ ଜିଲାରେ ଶିଶୁଙ୍କ ସୁରକ୍ଷା ନେଇ ଚାଲିଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ତ୍ରିପାଠୀ ଟିମ୍ ସଦସ୍ୟଙ୍କୁ ବୁଝାଇଥିଲେ। ପରେ ସେମାନେ ଶ୍ରୀମନ୍ଦିର ଦର୍ଶନ ସାରି ଫେରିଯାଇଛନ୍ତି।

# କର ଆଇନ ସମ୍ପର୍କିତ ଜାତୀୟ କର୍ମଶାଳା

**ପୁରୀ ଅଫିସ, ୨୫।୮:**

ଆୟକର ଆଇନର ଏକ ନୂଆ ଧାରା ହେଉଛି ୨୩୪ (ଏଫ୍)। ଏହି ନୂଆ ଆୟକର ଧାରା ୨୦୧୬-୧୭ ଆର୍ଥିକ ବର୍ଷ ବଜେଟ୍ ଅଧିବେଶନରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଆଗତ ହୋଇଥିଲା। ୨୦୧୭-୧୮ ଆର୍ଥିକ ବର୍ଷରୁ ଏହାକୁ ଲାଗୁ କରିବା ଲାଗି କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ଏହି ଧାରା ଅନୁସାରେ ଜଣେ ଆୟକର ଦାତା ନିର୍ଦ୍ଧାରିତ ସମୟ ମଧ୍ୟରେ ସେମାନଙ୍କ ଆୟକର ରିଟର୍ନ ନ ଦିଅନ୍ତି ତେବେ ସେମାନଙ୍କୁ ୧ହଜାର, ୫ହଜାର ଏବଂ ୧୦ହଜାର ଟଙ୍କା ଜରିମାନା ଦେବାକୁ ପଡିବ। ଏହା ଜନବିରୋଧୀ। ଆୟକର ଆଇନକୁ ଉକ୍ତ ଧାରାକୁ ରଦ୍ଦ କରିବା ଲାଗି ଟ୍ୟାକ୍ସ ଓକିଲମାନେ ଦାବି କରିଛନ୍ତି। ଅଲ୍ ଇଣ୍ଡିଆ ଆସୋସିଏଶନ୍ ଅଫ ଟ୍ୟାକ୍ସ ଲୟର୍ସ ଏବଂ ଟ୍ୟାକ୍ସ ଆଡଭୋକେଟସ୍ ଆସୋସିଏଶନ ବେଙ୍ଗଲର ମିଳିତ ଆନୁକୂଲ୍ୟରେ ଶନିବାର ପୁରୀଠାରେ ଅନୁଷ୍ଠିତ କର ଆଇନ(ଟ୍ୟାକ୍ସ ଲ') ଶୀର୍ଷକ ଜାତୀୟ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି।

ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଡ. ଦୁର୍ଗା ପ୍ରସନ୍ନ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କର ଆଇନ ସରଳୀକରଣ ସମ୍ପର୍କରେ ମଧ୍ୟ ସେ ଆଲୋକପାତ କରିଥିଲେ। ଓଡ଼ିଶା ଆଇନଜୀବୀ ପରିଷଦର ପ୍ରାକ୍ତନ ଅଧ୍ୟକ୍ଷ ତଥା ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ମାନସ ରଞ୍ଜନ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରତ୍ୟକ୍ଷ ଏବଂ ପରୋକ୍ଷ କର ଆଇନ ସମ୍ପର୍କରେ କହିଥିଲେ। କୋଲକାତାର ଆଇନଜୀବୀ ପରାସ କୋଚର, ସଞ୍ଜୀବ ଚକ୍ରବର୍ତ୍ତୀ ଏବଂ ସୌମିତ୍ର ଚୌଧୁରୀ ଆଲୋଚନାରେ ଅଂଶ ଗ୍ରହଣ କରି ୨୩୪ (ଏଫ୍) ନୂତନ ଧାରାକୁ ରଦ୍ଦ କରିବା ଲାଗି କେନ୍ଦ୍ର ସରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି ମତ ରଖିଥିଲେ। ଏହି କର୍ମଶାଳାରେ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ସମ୍ପର୍କରେ ଆଲୋଚନା ହୋଇଥିଲା। ଅଲ୍ ଇଣ୍ଡିଆ ଆସୋସିଏଶନ୍ ଅଫ ଟ୍ୟାକ୍ସ ଲୟର୍ସର ସଭାପତି ରବୀନ୍ଦ୍ର ନାଥ ପାଲ କହିଥିଲେ ଯେ, ସରକାରଙ୍କ ମୁଖ୍ୟ ଆୟ ରାଜସ୍ୱରୁ ଆଦାୟ ହୁଏ। ଜିଏସ୍‌ଟି ଆଇନରେ ରହିଥିବା ଦୋଷତ୍ରୁଟିକୁ ସରକାର ସୁଧାରିଲେ ଏହା ଲୋକାଦୃତ ହୋଇପାରିବ ବୋଲି ସେ କହିଥିଲେ।

■ ଚିଲିକାରେ ପ୍ରସ୍ତାବିତ ୱାଟର ଏରୋଡ୍ରମ

# ପ୍ରତିବାଦରେ ଓଡ଼ିଶା ମତ୍ସ୍ୟଜୀବୀ ୟୁନିୟନ୍‌ର ବିକ୍ଷୋଭ

**ବ୍ରହ୍ମଗିରି, ୨୫।୮(ଡି.ଏନ୍.ଏ.)**



ଓଡ଼ିଶା ମତ୍ସ୍ୟଜୀବୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଚିଲିକାରେ ପ୍ରସ୍ତାବିତ ୱାଟର ଏରୋଡ୍ରମକୁ ବିରୋଧ କରି ଶନିବାର ଓଡ଼ିଶା ମତ୍ସ୍ୟଜୀବୀ ୟୁନିୟନ ୪ ଦଫା ଦାବି ନେଇ ସାତପଡା ଠାରେ ଏକ ଗଣ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଚିଲିକା ହେଉଛି ଏସିଆ ମହାଦେଶର ସର୍ବବୃହତ୍ତମ ଆର୍ଦ୍ରଭୂମି ଓ ଲବଣ ହ୍ରଦ। ଏହାରି ଉପରେ ୧୫ ହଜାର ପରିବାର ନିର୍ଭର କରନ୍ତି। ଚିଲିକାରୁ ଉତ୍ପାଦିତ ହେଉଥିବା ମତ୍ସ୍ୟ ସମ୍ପଦ ଏମାନଙ୍କ ଭାତ ହାଣ୍ଡି। ଏପରି କ୍ଷେତ୍ରରେ ସରକାର ଚିଲିକାରେ ମତ୍ସ୍ୟ ସମ୍ପଦର ବିକାଶ କରିବାପାଇଁ କୌଣସି ଯୋଜନା ପ୍ରସ୍ତୁତ ନ କରି ପର୍ଯ୍ୟଟନ ଶିଳ୍ପର ବିକାଶ ପ୍ରତି ଗୁରୁତ୍ୱ ଦେଉଛନ୍ତି। ଫଳରେ ୧୫ହଜାର ପରିବାର ନିଜର ଜୀବିକା ହରାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଚିଲିକାରେ ୱାଟର ଏରୋଡ୍ରମ ହେଲେ ଏହାର ଜୈବ ବିବିଧତା ଉପରେ ପ୍ରଭାବ ପଡିବ। ମତ୍ସ୍ୟଜୀବୀମାନେ ଜୀବିକା ହରାଇବା ସହ ଚିଲିକାର ଶୋଭା ନଷ୍ଟ ହେବ। ଏଣୁ ଚିଲିକାରେ ପ୍ରସ୍ତାବିତ ୱାଟର ଏରୋଡ୍ରମ ପ୍ରକଳ୍ପକୁ ବାତିଲ କରିବା ସହିତ ମତ୍ସ୍ୟଜୀବୀମାନଙ୍କ ଅଧିକାର, ଚିଲିକାକୁ ଘେରିମୁକ୍ତ ଆଦି ୪ ଦଫା ଦାବି ନେଇ ଓଡିଶା ମତ୍ସ୍ୟଜୀବୀ ୟୁନିୟନ ଗଣବିକ୍ଷୋଭ ପ୍ରଦର୍ଶନ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରେଶ ଜାଲି, ଭୀମସେନ ସ୍ୱାଇଁ, ପୀତବାସ ବେହେରା, କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଠି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ metroselfie@gmail.com ରେ ଆମର ସେଲ୍ଫି କର୍ଣ୍ଣରକୁ ପଠାନ୍ତୁ। ଏହାସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍ଫି କର୍ଣ୍ଣର



@ ବେଗ୍ ମିର୍ଜା ସୋହେଲ



@ ସାଗର



@ ଅଶ୍ୱିନୀ



@ ସାଗର



@ ପ୍ରୀତି



@ ଅମରେଶ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | metroselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

■ ଜାଲ୍ ଦିବ୍ୟାଙ୍ଗ ପ୍ରମାଣପତ୍ରରେ ନାମଲେଖା ମାମଲା

# କାର୍ଯ୍ୟାନୁଷ୍ଠାନ ଦାବି କଲା ଛାତ୍ର କଂଗ୍ରେସ

**ପୁରୀ ଅଫିସ, ୨୫।୮:**

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ) ମହାବିଦ୍ୟାଳୟରେ ଚଳିତବର୍ଷ ଯୁକ୍ତ୩ରେ ଜାଲ୍ ଦିବ୍ୟାଙ୍ଗ ପ୍ରମାଣପତ୍ରରେ ନାମଲେଖା ଘଟଣାରେ ବିହିତ ପଦକ୍ଷେପ ନେବାକୁ ଛାତ୍ର କଂଗ୍ରେସ ଦାବି କରିଛି। ଏନେଇ ଏକ ଦାବିପତ୍ର କଲେଜ ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇଛି। ଏଥିସହିତ ବି.ଏଡ.ରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ସାର୍ଟିଫିକେଟ ମଧ୍ୟ ଯାଞ୍ଚ ଲାଗି ସଂଗଠନ ପକ୍ଷରୁ ଦାବି କରାଯାଇଛି। ଏଥିରେ କଲେଜର କେତେଜଣ ଅଧ୍ୟାପକ, କର୍ମଚାରୀ ଏବଂ କେତେଜଣ ପୂର୍ବତନ ଛାତ୍ରଙ୍କ ସମ୍ପୃକ୍ତି ରହିଛି ବୋଲି ପୁରୀ ଜିଲା ଛାତ୍ର କଂଗ୍ରେସ ସଭାପତି ଆଶିଷ ଦାଶ କହିଛନ୍ତି। କଲେଜ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ର କୁହନ୍ତି, ସିଡିଏମ୍‌ଓଙ୍କ ରିପୋର୍ଟକୁ ଆଧାର କରି ଉଚ୍ଚଶିକ୍ଷା ବିଭାଗକୁ ଚିଠି ଲେଖାଯାଇଛି। ବିଭାଗର ନିର୍ଦ୍ଦେଶ କ୍ରମେ ଆଗାମୀ ପଦକ୍ଷେପ ନିଆଯିବ। ଦାବିପତ୍ର ପ୍ରଦାନ ବେଳେ ଛାତ୍ର ନେତା ସୂର୍ଯ୍ୟକାନ୍ତ ସାହୁ, ଆଦିତ୍ୟ କୁମାର ଦାସ, ବିଶ୍ୱଜିତ ଦେଓ, ସିମନ୍ ମିଶ୍ର, ସ୍ୱପ୍ନଜିତ ରାୟ, ଆଦର୍ଶ ପଲେଇ, ଆଶିଷ ରଥ ପ୍ରମୁଖ ସାମିଲ ଥିଲେ।